**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଶଙ୍କରମାଲ ଗ୍ରାମରେ ରବିବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଭୂମିକା ହିଆଲ(୨୦)। ମୃତକଙ୍କ ଭାଇ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାମୀ ଘରେ ନ ଥିବା ବେଳେ ସନ୍ଦେହଜନକ ଭାବେ ଭୂମିକାଙ୍କ ମୃତ୍ୟୁ ଘଟିଥିବା ବେଳେ ମୁନିଗୁଡା ଗ୍ରାମର ତାଙ୍କ ଭାଇ ପିଣ୍ଟୁ ନର୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରଠାରେ ପହଞ୍ଚିଥିଲେ। ପାରିର୍ଶ୍ୱିକ ସ୍ଥିତିକୁ ଦେଖି ଏହା ଆତ୍ମହତ୍ୟା ନୁହେଁ, ଏହା ହତ୍ୟା ବୋଲି ଥାନରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।



# ମଧୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଲାଞ୍ଜିଗଡ଼,୧୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ମଧୁପୁରସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ମଧୁପୁର ଧରଣୀ ପୀଠରୁ ମଶାଲ ଅଣାଯାଇ ମଞ୍ଚରେ ସ୍ଥାପନ ପରେ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ରାଜେଶ କୁମାର ମହାରଣା ଏବଂ ସମ୍ମାନିତ ଅତିଥି ଭାବେ ଡା. ସୁପ୍ରିୟା ରାଉତରାୟ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବେଦବ୍ୟାସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ସତ୍ୟବାଦୀ ନାଏକ, ନମିତା ମାଝି, ସସ୍ମିତା ସାହୁ, ପାର୍ଥ ଶବର, ଦିଲୀପ ସାହୁ, କାମସେନ ଭୋଇ, ସୁଧାଂଶୁ ଶେଖର ସାସମଲ, ବସନ୍ତ ପାଣ୍ଡେ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଦ୍ୟାଳୟ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ବିଦ୍ୟାଳୟର ୪ ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଭାଗ ନେଇଥିଲେ।

# ଜମି ମାପଚୁପ ବେଳେ ଗୁଳି ଫୁଟିଲା



ଉଭୟ ଗୋଷ୍ଠୀର ଗିରଫ ଅଭିଯୁକ୍ତ।

**ବଲାଙ୍ଗୀର ଅଫିସ,୧୫।୧**

- ଗୁଳିମାଡ଼ରେ ଯୁବକ ଆହତ
- ଗୋଷ୍ଠୀସଂଘର୍ଷରେ ଉଭୟ ପକ୍ଷର ୭ ଗିରଫ

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସଦାଇପାଲିଠାରେ ଜମି ମାପଚୁପ ବେଳେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଗୁଳି ଫୁଟିଛି। ଏଥିରେ ଦିଲୀପ ପଟ୍ଟନାୟକ ନାମକ ଜଣେ ଯୁବକ ଆହତ ହୋଇଛନ୍ତି। ତାଙ୍କ କାନ୍ଧରେ ଗୁଳି ବାଜିଥିଲା। ରବିବାର ପୂର୍ବାହ୍ନରେ ସଦାଇପାଲିଠାରେ ଦିଲୀପ ଏବଂ ଅନ୍ୟ କେତେଜଣ ଯୁବକ ଏକ ଜମି ମାପଚୁପ କରୁଥିଲେ। ଏତିକିବେଳେ ଲମ୍ବୋଦର ସାଏ ଏବଂ ଅନ୍ୟ କେତେଜଣ ଲୋକ ସେଠାକୁ ଆସି ତାଙ୍କ ଜମିକୁ କାହିଁକି ମାପ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଉଭୟ ପକ୍ଷ ଉକ୍ତ ଜମିକୁ ନିଜର ଦର୍ଶାଇବା ପରେ ଯୁକ୍ତିତର୍କ ଓ ପରେ ମାରପିଟ ହୋଇଥିଲା। ଏତିକି ବେଳେ କେହିଜଣେ ବନ୍ଧୁକରୁ ଗୁଳି ଚାଳନା କରିଥିଲା। ଗୁଳିଟି ଦିଲୀପଙ୍କ କାନ୍ଧରେ ବାଜିଥିଲା। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତ ଦିଲୀପଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ଏହି ଘଟଣାରେ ପୋଲିସ ଦୁଇଟି ମାମଲା ରୁଜୁ କରି ୭ ଜଣଙ୍କୁ ଗିରଫ କରିଛି। ପ୍ରଥମ ମାମଲା (୨୬/୨୩) ଅନୁଯାୟୀ ତାଲପାଲିପଡାର ଅଭିଯୁକ୍ତ ସୁରଜ ସାଇସୁଧା ପ୍ରଧାନ (୩୪), ରାମେଶ୍ୱର ନଗରର ସନ୍ତୋଷ କୁମାର ସାହୁ (୩୫), ସିଲୁ ପ୍ରଧାନ (୨୩)ଙ୍କୁ ଗିରଫ କରାଯାଇଛି। ଅନ୍ୟ ମାମଲା(୨୭/୨୩) ଅନୁଯାୟୀ ଅଭିଯୁକ୍ତ ଲମ୍ବୋଦର ସାଏ(୫୫), ଟିଶୁ ଓରଫ ଟିସୁରାଜ୍ (୨୬), ଉପେନ୍ଦ୍ର ସାଏ (୬୨), ଦାମୋଦର ସାଏ (୫୬)ଙ୍କୁ ଗିରଫ କରାଯାଇଛି। ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ସାଏ ପରିବାର ତାଙ୍କ ଜମିକୁ ଜାଲ୍ କାଗଜ କରି ହଡ଼ପ କରିବାକୁ ଚେଷ୍ଟା କରାଯାଉଥିଲା ବୋଲି କହିଛନ୍ତି। ଅନ୍ୟପକ୍ଷେ ଦିଲୀପ ପଟ୍ଟନାୟକ ତାଙ୍କ ଜମିକୁ ସାଏ ପରିବାର ଜୋରଜବରଦସ୍ତି କବ୍‌ଜା କରିବାକୁ ଚେଷ୍ଟା କରିଥିବା କହିଛନ୍ତି। ଏହି ଘଟଣାର ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଗୋବିନ୍ଦ



@ ଜିତୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଡ଼ିଆଳ ମହୋତ୍ସବ-୨୦୨୩ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଖଡ଼ିଆଳ,୧୫।୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ମହୋତ୍ସବ-୨୦୨୩ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅତୀତର ଲୁପ୍ତ ସଂସ୍କୃତି, କଳା, ଐତିହ୍ୟ, ସାହିତ୍ୟକୁ ପୁନଃ ଜାଗରଣ ଓ ସ୍ମୃତି ପଟରେ ପୁନର୍ଜୀବିତ କରିବା ପାଇଁ ଖଡିଆଳ ଜନସାଧାରଣଙ୍କ ସହଯୋଗ ଓ ସହଭାଗିତାରେ ୨୦୦୫ରୁ ଉତ୍ସାହ ସହିତ କ୍ରମାଗତ ଭାବେ ହୋଇଆସୁଥିବା ଖଡିଆଳ ମହୋତ୍ସବ ୨୦୨୩ ସତର ବର୍ଷରେ ପାଦ ଦେଇଛି। ଅପରାହ୍ନରେ ଯୋଗୀ ମଠରୁ ମଶାଲ ଯାତ୍ରା ଶୁଭାରମ୍ଭ ହୋଇ ଖଡ଼ିଆଳର ବଡ ଦଧିବାମନ ମନ୍ଦିର, ଠାକୁରାଣୀ ମନ୍ଦିର ଓ ସମଲେଶ୍ୱରୀ ମନ୍ଦିରରେ ମଶାଲ ପୂଜା ପାଇ ବିଶାଳ ଶୋଭାଯାତ୍ରାରେ ଖଡ଼ିଆଳ ସହର ପରିକ୍ରମା ପରେ ମହୋତ୍ସବ ପେଣ୍ଡାଲରେ ପହଞ୍ଚିଥିଲା। ଖଡ଼ିଆଳ ମହୋତ୍ସବ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ସ୍ଥାପନ କରିଥିଲେ। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଜିଲାପାଳ ହେମକାନ୍ତ ସାଏ ମହୋତ୍ସବ ଉଦଘାଟନ କରିଥିଲେ। ଉଦଘାଟନୀ ସଭାରେ ଖଡ଼ିଆଳ ମହୋତ୍ସବ କମିଟି ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସ୍‌ପି ନୂଆପଡ଼ା ଏସ୍‌ପି ଗୁନ୍ଦଲା ରେଡ୍ଡୀ, ଡ ଜିତାମିତ୍ର ସିଂଦେଓ ରାଜା ସାହେବ ଖଡ଼ିଆଳ, ସୁଶୀଲ କୁମାର ତ୍ରିପାଠୀ ବନଖଣ୍ଡ ଅଧିକାରୀ ଖଡ଼ିଆଳ, ଇଂ ଯୁଗଲ କିଶୋର ଖଟୁଆ ସିସିଇ ଲୋୟରଇନ୍ଦ୍ର ଜଳ ସେଚନ ପ୍ରକଳ୍ପ, ଇଂ ଅର୍ଜୁନ ଚରଣ ମୁଣ୍ଡା ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଖଡ଼ିଆଳ, ସୁଧାଂଶୁ ଶେଖର ମିଶ୍ର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ମୁଖ୍ୟବକ୍ତା ସୁବର୍ଣ୍ଣପୁର ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ ପୁରୁଷୋତ୍ତମ ମିଶ୍ର ଯୋଗଦେଇ ଖଡ଼ିଆଳ ମହୋତ୍ସବ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଡ ସୁଶାନ୍ତ କୁମାର ବିଶି, ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଖଡ଼ିଆଳ ମହୋତ୍ସବ କମିଟି ସମ୍ପାଦକ ସୁନୀଲ କୁମାର ସାହୁ, ଧନ୍ୟବାଦ ଅର୍ପଣ କରିଥିଲେ ସବିତା ପଟ୍ଟନାୟକ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ। ଖଡ଼ିଆଳ ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ରାତିରେ ସଂସ୍କୃତିକ କାର୍ଯ୍ୟକ୍ରମ ଓଡିଶୀ ନୃତ୍ୟ କଳାହାଣ୍ଡି କଳା କେନ୍ଦ୍ର ଭବାନୀପାଟଣା, ଘୁଡୁକା କୃଷ୍ଣ ପ୍ରିୟା ଘୁଡୁକା ନୃତ୍ୟ ଦୁଷ୍ଟୁରା, ମଡୁଆ ଶାଳ ଚିନି ଚମ୍ପା ଅନୁଷ୍ଠାନ ବଲାଙ୍ଗୀର, ବଙ୍ଗାଳି ଲୋକ ନୃତ୍ୟ ବାଳକ କଳା କେନ୍ଦ୍ର କୋଲକାତା, କରମା ନୃତ୍ୟ ସଂସ୍କୃତି ନୃତ୍ୟ ଛତିଶଗଡ଼ ସରକାର, ବାଜା ସାଲ ଢୋଲ ମୁହୁରି କଳା ପରିଷଦ ବଲାଙ୍ଗୀର, ଲୋକ ନୃତ୍ୟ ଜୟ କିଷାନ ସରକାରୀ ହାଇ ସ୍କୁଲ ବରଗା ନିଜ ନିଜର କଳା ପ୍ରଦର୍ଶନ କରିଥିଲେ।

# ନିଆଁରେ ପୋଡ଼ିହୋଇ ନାବାଳିକା ମୃତ

**ରାଉରକେଲା ଅଫିସ,୧୫।୧**

ଲହୁଣୀପଡା ଥାନା ଅନ୍ତର୍ଗତ ଘୁଷୁରୀପୋଷ ଗ୍ରାମରେ ନିଆଁରେ ପୋଡିହୋଇ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତା ନାବାଳିକା ଜଣଙ୍କ ହେଲେ ଲକ୍ଷ୍ମୀ ମୁଣ୍ଡା(୫)। ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗତ ୧୩ ତାରିଖ ସକାଳେ ଶୀତ ଯୋଗୁ ଲକ୍ଷ୍ମୀ ନିଆଁରେ ସେକି ହେଉଥିବା ସମୟରେ ତାଙ୍କ ପିନ୍ଧା ଫର୍କରେ ନିଆଁ ଲାଗି ଯାଇଥିଲା। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ବଣେଇ ଡାକ୍ତରଖାନା ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ସମୟରେ ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ

**ଧର୍ମଗଡ,୧୫।୧(ଡି.ଏନ.ଏ.)**



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କଳାହାଣ୍ଡି ଐତିହ୍ୟ ସଂସ୍କୃତି ଓ ପରମ୍ପରାର ମହାମିଳନ କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୩ ରବିବାର ଧର୍ମଗଡଠାରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ସନ୍ଧ୍ୟାରେ କଳାହାଣ୍ଡି ଉତ୍ସବ କମିଟି ଅଧ୍ୟକ୍ଷା ତଥା ଜିଲାପାଳ କଳାହାଣ୍ଡି ପି.ଅନ୍ୱେଷା ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଧର୍ମଗଡ଼ ଉତ୍ସବ କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଉଦଘାଟନୀରେ ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ପାଓାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ସୁମନ୍ତ କୁମାର ପଟେଲ, ମୁଖ୍ୟ ବନସଂରକ୍ଷକ ଅଶିନୀ କୁମାର କର, ଜିଲା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ, ଛତିଶଗଡ଼ ଦେଭୋଗ ଉପଖଣ୍ଡ ଅଧିକାରୀ ଅର୍ପିତା ପାଠକ ପ୍ରମୁଖ ଯୋଗଦେଇ କଳାହାଣ୍ଡିର ଐତିହ୍ୟ ପରମ୍ପରା ଅନନ୍ୟ। ଏଠାକାର ପ୍ରତିଟି ପର୍ବ ଭାଇଚାରାର ସନ୍ଦେଶ ଦିଏ। ଯେତେ ମନୋମାଲେ ଥିଲେ ବି ପର୍ବପର୍ବାଣୀ ଆସିଲେ ଏଠାକାର ଲୋକେ ସେସବୁ ଭୁଲି ଏକାକାର ହୁଅନ୍ତି। ଏହା ହିଁ କଳାହାଣ୍ଡିର ବୈଶିଷ୍ଟ୍ୟ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ଲିଙ୍ଗରାଜ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଧର୍ମଗଡ ନଗରପାଳ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସାମର୍ଥ୍ୟ ଦୃଷ୍ଟି ହୀନ ସଂଘ ଦାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ହୋଇଥିଲା। ଉତ୍ସବ କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ ବାନ୍ଧି ରଖିଥିଲା। ଧର୍ମଗଡ଼ଠାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କଳମପୁର ଘୁମୁରାଦଳ, ଝାରଖଣ୍ଡର ଝୁମର ନୃତ୍ୟ, ମା' ଡୋକରୀ ସାଂସ୍କୃତିକ ଅନୁଷ୍ଠାନ ଭବାନୀପାଟଣା, ଓଡିଶୀ, ମୟୂରଭଞ୍ଜର ମାଲଖମା, ଆସାମର ବିହୁ, ଜୟପୁରର ଢେମସା, ବରଗଡ଼ର ମାଣ୍ଡିଆ ଆଦି ପ୍ରଦର୍ଶିତ ହୋଇଥିଲା ବେଳେ ମେଲୋଡି ଷ୍ଟାର ରୁକୁ ସୁନା ଏବଂ ସାଥିଙ୍କ ଦାରା ପରିବେଷିତ ଅର୍କେଷ୍ଟ୍ରା ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଝୁମେଇ ରଖିଥିଲା। ସାଂସ୍କୃତିକ ସନ୍ଧ୍ୟା ରାଜେନ୍ଦ୍ର ମୁନି, ସଞ୍ଜୀବ ମୁଣ୍ଡ, ମାନସ ରଞ୍ଜନ ମୁଣ୍ଡ, ପ୍ରାଞ୍ଜଳ ଠାକୁର, ପ୍ରଶାନ୍ତ ପଣ୍ଡା, ଗୋପାଳ ମେହେର ପରିଚାଳନା କରିଥିଲେ।

# ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ: ସ୍ୱାମୀ ଗୁରୁତର



ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଆହତ ଭବାନୀ ଦୀପ।



ଆହତ ଭବାନୀଙ୍କ ସ୍ତ୍ରୀ ଯଶୋବନ୍ତୀ।

**ବଲାଙ୍ଗୀର ଅଫିସ,୧୫।୧**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସଦାଇପାଲିଠାରେ ପୂର୍ବାହ୍ନରେ ଗୋଷ୍ଠୀ ସଂଘର୍ଷ ଘଟି ବନ୍ଧୁକ ଗୁଳି ଫୁଟି ଜଣେ ଆହତ ହୋଇଥିଲେ। ସନ୍ଧ୍ୟାରେ ଟାଉନ୍ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ ଘରେ ପଶି ଦୁର୍ବୃତ୍ତ ଜଣେ ଠିକାଦାର ଓ ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଠିକାଦାର ଭବାନୀ ଶଙ୍କର ଦୀପଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ପଠାଯାଇଛି। ସ୍ତ୍ରୀ ଯଶୋବନ୍ତୀ ଦୀପ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସନ୍ଧ୍ୟାରେ ୮/୧୦ ଜଣ ଯୁବକ ଖଣ୍ଡା, ଭୁଜାଲି ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ଠିକାଦାର ଦୀପଙ୍କ ଘରେ ପଶିଥିଲେ। ଖଣ୍ଡାରେ ଚୋଟ ମାରିବାରୁ ଦୀପ ଗୁରୁତର ଆହତ ହୋଇଥିଲେ। ସ୍ୱାମୀଙ୍କୁ ଆକ୍ରମଣ ହେବା ଦେଖି ତାଙ୍କ ସ୍ତ୍ରୀ ଯଶୋବନ୍ତୀ ସେଠାକୁ ଆସିବାରେ ତାଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଆକ୍ରମଣ କରିବା ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସଦର ଏସ୍‌ଡିପିଓ ତୋଫାନ ବାଗ ଘଟଣା ସମ୍ପର୍କରେ ପୋଲିସ ଅନୁଧ୍ୟାନ କରୁଛି। ଅଭିଯୋଗ ହୋଇନାହିଁ। ଠିକାଦାର ଦୀପ କେତେକ ଅପରାଧିଙ୍କ ନାମ କହିଛନ୍ତି। ପୋଲିସ ସେମାନଙ୍କୁ ଖୋଜାଖୋଜି ଆରମ୍ଭ କରିଛି ବୋଲି ସେ କହିଛନ୍ତି। ଯେଉଁ ଅଭିଯୁକ୍ତଙ୍କ ନାମରେ ଅଭିଯୋଗ କରୁଛନ୍ତି ତାଙ୍କ ନାମରେ ପୂର୍ବରୁ ବହୁ ସଙ୍ଗୀନ ଅଭିଯୋଗ ରହିଥିବା ଜଣାପଡିଛି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ଭବାନୀପାଟଣା,୧୫।୧(ସ୍ୱ.ପ୍ର.)**



ଦ୍ୱିତୀୟ ଦିବସରେ ଯୋଗଦେଇଥିବା ଅତିଥିଗଣ।

**ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'ର ୨ୟ ସନ୍ଧ୍ୟା**

- କଳା ସଂସ୍କୃତି, ଲୋକବାଦ୍ୟ, ଲୋକନୃତ୍ୟକୁ ବଞ୍ଚାଇ ରଖିବ ଉତ୍ସବ

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୫ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଦିବସ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଶିଷ୍ଟ ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସଚିନ ପାୱାର, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, କେସିଙ୍ଗା ନଗରପାଳ ନୃପରାଜ ଯାଦବ, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ନର୍ଲା ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି, ଧର୍ମଗଡ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଷୀ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଏମ୍. ରାମପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂଦେଓ, ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଥୁଆମୂଳ ରାମପୁର ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ଜୟପାଟଣା ବ୍ଲକ ଅଧ୍ୟକ୍ଷ ଥବିର ବାଗ, କଳମପୁର ବ୍ଲକ ଅଧ୍ୟକ୍ଷା ମୋତି ବିହାରୀ, କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବ ଜିଲାର କଳାସଂସ୍କୃତି, ଲୋକବାଦ୍ୟ ଓ ଲୋକନୃତ୍ୟକୁ ବଞ୍ଚାଇ ରଖିବ ବୋଲି ଅତିଥିମାନେ କହିଥିଲେ। ରାଜ୍ୟ ଓ ରାଜ୍ୟବାହାର କଳା ଓ କଳାକାରଙ୍କ ସମାବେଶ ହେଉଛି ଏହି କଳାହାଣ୍ଡି ଉତ୍ସବ ଘୁମୁରା। ଜିଲାର ପ୍ରବହମାନ ଏହି ସାଂସ୍କୃତିକ ଧାରା ସାରା ରାଜ୍ୟ ତଥା ଦେଶକୁ ଯୋଡି ରଖିବାରେ ସଫଳ ହୋଇପାରୁଛି ବୋଲି ଅତିଥିମାନେ କହିଥିଲେ। ସଭା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର ପରିଚାଳନା କରିଥିଲେ। ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲା ତଥା ରାଜ୍ୟ ବାହାରର ଅନେକ ସାଂସ୍କୃତିକ ଦଳ ସେମାନଙ୍କ କଳା ପ୍ରଦର୍ଶିତ କରିଥିଲେ। ଜିଲାସ୍ତରୀୟ ଘୁମୁରା ସହ ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବଜାଶାଲ, ସଂସ୍କୃତିର ଘୁଡକା, ନୁପୁରର ସମ୍ବଲପୁରୀ, ମୃଣ୍ମୟୀର ବଜାଶାଲ, ବଲାଙ୍ଗୀରର ଦୁଲଦୁଲି, ଗଞ୍ଜାମର ପଶୁ ମୁଖା ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ମଧ୍ୟପ୍ରଦେଶର ବଦେଇ ନୃତ୍ୟ, ମହାରାଷ୍ଟ୍ରର ଲାବଣୀ ନୃତ୍ୟ, ରାଜସ୍ଥାନର ମାନିଁହାର ଓ କାଲ୍‌ବେଲିଆ ନୃତ୍ୟ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଭେନ୍ଦୁ ମହାପାତ୍ର, ଲୋଚନୀ ବାଗ, ବିରଞ୍ଚି ନାରାୟଣ ମୁଣ୍ଡ, ସସ୍ମିତା ସିଂହ, ରାମେଶ୍ୱର ତ୍ରିପାଠୀ, ସାବିତ୍ରୀ ମହାରଣା, ସୌରଭ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ପଶ୍ଚିମ ଓଡିଶାର ଲୋକପ୍ରିୟ ଗାୟକ ତଥା ଗୀତିକାର ସର୍ବେଶ୍ୱର ଭୋଇ ଓ ତାଙ୍କ ସାଥିଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନମୋହିଥିଲା। ସେହିପରି ଉତ୍ସବର ଦ୍ୱିତୀୟ ପାରବା ମଞ୍ଚରେ ବିଭିନ୍ନ କଳାକାରଙ୍କ ପ୍ରଦର୍ଶନ ଦର୍ଶକଙ୍କୁ ଶୀତୁଆ ରାତିର ଆନନ୍ଦ ଆଣିଦେଇଥିଲା। ପାରବା ମଞ୍ଚକୁ ସୁଶୀଲ ଗହୀର, ଆଶୁତୋଷ ପୁରୋହିତ, ସ୍ନିଗ୍ଧାରାଣୀ ସିଂହ, ତଥାଗତ ମିଶ୍ର, ଆର୍ଯ୍ୟା ନାୟକ, ସସ୍ମିତା ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଏହି ଉତ୍ସବର ଦ୍ୱିତୀୟ ଦିବସରେ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।



ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ନୃତ୍ୟ, ଗୀତରେ ଝୁମିଲେ ଦର୍ଶକ

## ସୁବର୍ଣ୍ଣ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

### କଥକ ନୃତ୍ୟର ତାଳରେ ନାଚିଲେ ଜିଲାପାଳ



ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ବୃନ୍ଦ।


ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେ ନୃତ୍ୟ ପରିବେଷଣ କରୁଛନ୍ତି।



ତରଭା ଜାମକାନୀ ଓଏଭିର ଛାତ୍ରୀଛାତ୍ର ଘୁଡ୍‌କା ନୃତ୍ୟ ପରିବେଷଣ କରୁଛନ୍ତି।

**ସୋନପୁର,୧୫।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଚାଲିଥିବା ସୁବର୍ଣ୍ଣ ଲୋକ ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସୋନପୁର ରାମେଶ୍ୱର ଷ୍ଟାଡିୟମସ୍ଥିତ ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଏହି ମହୋତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଭ୍ୟ ତଥା ଯୁବ କଣ୍ଠଶିଳ୍ପୀ ଶାଶ୍ୱତ କୁମାର ତ୍ରିପାଠୀଙ୍କ ହକି ଗୀତରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ଏହା ପରେ ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ସାରା ଶର୍ମାଙ୍କ ଦେଶାତ୍ମବୋଧ ସଙ୍ଗୀତ ଓ ସମ୍ବଲପୁରୀ ଭଜନ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ପରେ କଥକ ନୃତ୍ୟର ତାଳରେ ନାଚି ଥିଲେ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେ। ପରେ ତରଭା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଘୁଡ୍‌କା ନୃତ୍ୟ, ସୋନପୁର ଟ୍ରେଣ୍ଡି ଏକାଡେମୀର ଡାଲଖାଇ ଓ ପଏଁରୀ ଅନୁଷ୍ଠାନର କଳାକାରମାନେ ଦୁଲଦୁଲି ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିଭଳି ଓଲିଉଡ ପ୍ରଚ୍ଛଦପଟ ଗାୟିକା ନାଭ୍ୟା ଜାଇତି ରକ୍ ସଙ୍ଗୀତ ଓ ଗାୟକ ଆଶୁତୋଷ ମହାନ୍ତି ସଙ୍ଗୀତ ପରିବେଷଣ କରିଥିଲେ। ପରେ ଅନ୍ତର୍ଜାତୀୟ ରାପର ବିଗ୍ ଡିଲ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ କମେଡିଆନ ରାଜୁ ଦାସ ସଂଳାପ ମାଧ୍ୟମରେ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିଥିଲେ। କଳାକାରଙ୍କ ଆଧୁନିକ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ସଙ୍ଗୀତ ଓ ବାଦ୍ୟର ତାଳରେ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଝୁମିଥିଲେ।

ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ। ଡ. ଦଳାଇ ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର ଜିଲାର କଳା, ସଂସ୍କୃତି ଓ ପରମ୍ପରାର ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ଉତ୍ତରାଞ୍ଚଳ ରେଞ୍ଜ ଆରକ୍ଷୀ ମହା ନିରୀକ୍ଷକ ଡ. ଦୀପକ କୁମାର, ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ସାରା ଶର୍ମା, ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଯୋଗଦାନ କରି ସୁବର୍ଣ୍ଣପୁର ଜିଲାର କଳା, ବୟନ ଶିଳ୍ପ ଓ ସଂସ୍କୃତି ବେଶ ସମୃଦ୍ଧ ବୋଲି ମତପ୍ରକାଶ କରିଥିଲେ। ସମସ୍ତଙ୍କ ସହଯୋଗରେ ହିଁ ଜିଲାର ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ବୋଲି କହିଥିଲେ। ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଯେତେ ସମୃଦ୍ଧ, ସେ ଜାତି ସେତେ ସମ୍ପନ୍ନ ବୋଲି କହିଥିଲେ। ଏହି ଅବସରରେ ବାଲ୍ୟ ବିବାହ ନିଷେଧ ପାଇଁ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଓ ନାଟକ ପରିବେଷଣ କରାଯାଇଥିଲା। ଗ୍ରନ୍ଥାଗାରିକ ବିଦ୍ୟାପତି ପଣ୍ଡା ସଭାକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଭୀମଭୋଇ କଳା ପରିଷଦ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରା ଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅମ୍ରିତା ମିଶ୍ର ଓ ସୌଭାଗିନୀ ସାହୁ ପରିଚାଳନା କରିଥିଲେ।

### ସୁବର୍ଣ୍ଣ ଲୋକ ମହୋତ୍ସବର ଏପାଖ ସେପାଖ

ମଞ୍ଚରେ ରହିଲାନି ଜିଲାର ଐତିହ୍ୟ ଛାପ

ସୁବର୍ଣ୍ଣ ଲୋକ ମହୋତ୍ସବ ମଞ୍ଚରେ ପ୍ରତିବର୍ଷ ଜିଲାର ଐତିହ୍ୟ ଓ ସଂସ୍କୃତିକୁ ସ୍ଥାନ ମିଳିଥାଏ। ମାତ୍ର ଚଳିତ ବର୍ଷ ଏହା ସ୍ଥାନିତ ହୋଇ ନାହିଁ। ମଞ୍ଚକୁ ଦେଖି ଲୋକ ମହୋତ୍ସବର ସ୍ପଷ୍ଟ ଚିତ୍ର ଜଣା ପଡୁନି। ତେଣୁ ମଞ୍ଚ ପ୍ରସ୍ତୁତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

**ଲୋକ ମହୋତ୍ସବରେ ଆଧୁନିକ ନୃତ୍ୟକୁ ନାପସନ୍ଦ**

ସୁବର୍ଣ୍ଣପୁର ନୂତନ ଜିଲା ହେବା ପରେ ଗତ ୨୯ବର୍ଷ ଧରି ସୁବର୍ଣ୍ଣ ଲୋକ ମହୋତ୍ସବ ଆୟୋଜନ ହୋଇଆସୁଛି। ଲୋକ ମହୋତ୍ସବରେ ରାଜ୍ୟ, ରାଜ୍ୟ ବାହାର ଓ ସୁବର୍ଣ୍ଣପୁର ଜିଲାର ପାରମ୍ପରିକ ଲୋକ ନୃତ୍ୟ ପ୍ରଦର୍ଶିତ ହୋଇଥାଏ। ତେବେ ଚଳିତ ଥର କେବଳ ଓଡିଶାର କଳାକାରଙ୍କୁ ନେଇ ନୃତ୍ୟ ଓ ସଙ୍ଗୀତ ପରିବେଷଣ ହେଉଛି। ମହୋତ୍ସବରେ ଲୋକନୃତ୍ୟକୁ କମ୍ ଏବଂ ଆଧୁନିକ ନୃତ୍ୟ ଓ ସଙ୍ଗୀତ ପରିବେଷଣକୁ ଗୁରୁତ୍ୱ ମିଳି ଥିବାରୁ ଲୋକେ ନାପସନ୍ଦ କରିଛନ୍ତି।

**ଏଣ୍ଟ୍ରି ପାସ ଲେଖାରେ ତ୍ରୁଟି**

ଜିଲା ପ୍ରଶାସନ ପକ୍ଷରୁ ଲୋକ ମହୋତ୍ସବକୁ ଶୃଙ୍ଖଳିତ କରିବା ପାଇଁ ଏଣ୍ଟ୍ରି ପାସର ବ୍ୟବସ୍ଥା ହୋଇଛି। ବିଶିଷ୍ଟ ଅତିଥି, ଅତିଥି, ସରକାରୀ କର୍ମଚାରୀ, କଳାକାର ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ପାସର ବ୍ୟବସ୍ଥା ହୋଇଛି। ତେବେ ଏଣ୍ଟ୍ରି ପାସରେ ଇଂଲିଶରେ ସୋନପୁର ବଦଳରେ ସୋନାପୁର ଲେଖାଯାଇଛି।

**ଭିଡ ସରିଲା ପରେ ଆସିଲେ ଅର୍ଚ୍ଚିତା, ସବ୍ୟସାଚୀ**

ସୁବର୍ଣ୍ଣ ଲୋକ ମହୋତ୍ସବର ପ୍ରଥମ ଦୁଇ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୋପନ ରଖାଯାଇଥିଲା। ନିମନ୍ତ୍ରଣ ପତ୍ରରେ କେଉଁ ଦିନ କେଉଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ତାର ସୂଚନା ନ ଥିଲା। ଫଳରେ ଲୋକେ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣି ପାରୁ ନାହାନ୍ତି। ଶନିବାର ଭିଡ କମିବା ପରେ ରାତି ସାଢେ ୧୦ଟାରେ ଓଲିଉଡର ଚର୍ଚ୍ଚିତ ଅଭିନେତ୍ରୀ ଅର୍ଚ୍ଚିତା ଓ ଅଭିନେତା ସବ୍ୟସାଚୀ ମଞ୍ଚକୁ ଆସିଥିଲେ। ଅଭିନେତ୍ରୀ ଓ ଅଭିନେତାଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ଦାୟିତ୍ୱରେ ଥିବା କୌଣସି ଅଧିକାରୀ କିମ୍ବା ଜିଲା ସାଂସ୍କୃତିକ କମିଟିର କର୍ମକର୍ତ୍ତା ସୂଚନା ପାଇ ନ ଥିଲେ। ଏହା କାର୍ଯ୍ୟକ୍ରମ ଜିଲା ମୁଖ୍ୟଙ୍କ ଟପ୍ ସିକ୍ରେଟ୍ ଥିଲା ବୋଲି ଚର୍ଚ୍ଚା ହେଉଛି।

ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଗୋବିନ୍ଦ


@ ଜିତୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମୋବାଇଲ ଲୁଟ୍ ଘଟଣା: ୪ଗିରଫ

**ତରଭା, ୧୫।୧(ଡି.ଏନ.ଏ.):** ତରଭା ଥାନା ପୋଲିସ ୨ ମୋବାଇଲ ଲୁଟ୍ ଘଟଣାରେ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁଇଁତଳା ତଲଗଜର ଅରବିନ୍ଦ ଡାଙ୍ଗ ଓ ପବିତ୍ର ମାଝି, କମସରାର ରଞ୍ଜିତ ଭୁଏ ଓ କୁନ୍ଦେଇଗଡର ସୁବାଷ ପାତ୍ର। ସେମାନେ ବ୍ୟବହାର କରୁଥିବା ବାଇକ, ୨ଟି ଲୁଟ ମୋବାଇଲ ଜବତ ହୋଇଥିବା ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗି କହିଛନ୍ତି। ଗତ ୧୨ତାରିଖ ଚାରଭଟା ଛକରେ ନିମାଇଁ ଚରଣ ଦୀପ ଓ ଏହା ପରଦିନ ମେଟାକାନୀ ଛକରେ ସୁକଦେବ ଗୁରୁଙ୍କଠାରୁ ମୋବାଇଲ ଲୁଟ୍ ହୋଇଥିଲା।

## ଅମରପାଲି ପ୍ରିମିୟର ଲିଗ କ୍ରିକେଟ

# ଖୁଣ୍ଟୁଲାପାଲି ସେମିଫାଇନାଲରେ

**ଅମରପାଲି,୧୫।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିରେ ଜେମସ୍ ଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା ଅମରପାଲି ପ୍ରିମିୟର ଲିଗ କ୍ରିକେଟରେ ସୁନାମୁଦିକୁ ହରାଇ ଖୁଣ୍ଟୁଲାପାଲି ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ପ୍ରଥମ ମ୍ୟାଚ ସୁନାମୁଦି ଓ ବଲିପାଲି ମଧ୍ୟରେ ହୋଇଥିଲା। ସୁନାମୁଦି ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ୧୩୧ରନ କରିଥିଲା। ଜବାବରେ ବଲିପାଲି ଦଳ ସମସ୍ତ ଉଇକେଟ ହରାଇ ୨୯ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅମରପାଲି ଓ ଖୁଣ୍ଟୁଲାପାଲି ମଧ୍ୟରେ ହୋଇଥିଲା। ଏଥିରେ ଅମରପାଲି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୮୧ରନ କରିଥିଲା। ଯବାବରେ ଖୁଣ୍ଟୁଲାପାଲି ଦଳ ୭.୩ ଓଭରରେ ୫ ଉଇକେଟ ହରାଇ ୮୨ରନ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ ବିଜେତା ସୁନାମୁଦି ଓ ଦ୍ୱିତୀୟ ମ୍ୟାଚ ବିଜେତା ଖୁଣ୍ଟୁଲାପାଲି ମଧ୍ୟରେ ହୋଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚରେ ଖୁଣ୍ଟୁଲାପାଲି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୩୦ରନ କରିଥିଲା। ଯବାବରେ ସୁନାମୁଦି ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୬୪ରନ କରିଥିଲା। ଫଳରେ ଖୁଣ୍ଟୁଲାପାଲି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚ ଗୁଡିକରେ ତଥାଗତ ସାହୁ,ସମିତ ମାଝି, ବିକୁନ ମେହେର ଓ ସବ୍ୟସାଚୀ ବଘାର ଅମ୍ପେୟାର,ଶୁଭେନ୍ଦୁ ଶେଖର ସାହୁ ସ୍କୋରର ଏବଂ ସୁମନ ପଧାନ ଓ ଧନୁ ଭରାସାଗର ଧାରା ବିବରଣୀ ପ୍ରଦାନ କରିଥିଲେ।


ବିଜୟୀ ଖୁଣ୍ଟୁଲାପାଲି ଦଳ।

# ଫରେଷ୍ଟ କ୍ଲବ ଛତିଶଗଡ଼ ଚାମ୍ପିୟନ

## ବୋଡ଼ାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟ

**ପଦ୍ମପୁର,୧୫।୧(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ରାଜବୋଡ଼ାସମ୍ବର ଖେଳପଡିଆରେ ଚାଲିଥିବା ୨୭ତମ ସର୍ବଭାରତୀୟ ବୋଡ଼ାସମ୍ବର କ୍ରିକେଟ କପ୍ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏନ୍‌ଏସ୍‌ଏସ୍ ଆଲ୍ଲାହାବାଦ ଏବଂ ଛତିଶଗଡ଼ ଫରେଷ୍ଟ କ୍ଲବ ମଧ୍ୟରେ ଏହି ମ୍ୟାଚ୍ ହୋଇଥିଲା। ପ୍ରଥମେ ଫରେଷ୍ଟ କ୍ଲବ ଟସ୍ ଜିଣି ବ୍ୟାଟିଂ କରି ୩୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୧୪ ରନ୍ ସଂଗ୍ରହ କରିଥିଲା। ଦଳ ତରଫରୁ ଶଶାଙ୍କ ଚନ୍ଦ୍ରକାର ୩୨ ବଲ୍‌ରୁ ୬୨ ରନ କରିଥିଲେ। ଜବାବରେ ଆଲ୍ଲାବାଦ ଦଳ ମାତ୍ର ୨୨.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୮୨ରନ୍ କରିଥିଲା। ଫଳରେ ୧୩୩ ରନ୍‌ରେ ବିଜୟୀ ହୋଇ ଫରେଷ୍ଟ କ୍ଲବ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଏବଂ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ୬୦ ହଜାର ଟଙ୍କା ସହ ଟ୍ରଫି ଏବଂ ଉପ ବିଜେତା ଦଳକୁ ୪୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଫରେଷ୍ଟ ଦଳର ଶଶାଙ୍କ ଚନ୍ଦ୍ରକାରଙ୍କୁ ପୁରସ୍କୃତ କରାଯାଇଥିଲା। ବେଷ୍ଟ ବୋଲର ଭାବେ ବିଶାଳ ସୁନ୍ନିଙ୍କୁ ପୁରସ୍କୃତ କରାଯାଇଥିଲା। ବୋରସମ୍ବର ସ୍ପୋର୍ଟିଂର ସମ୍ପାଦକ ଭରତ ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅମ୍ପାୟର ବଳରାମ ପଟ୍ଟନାୟକ ଓ ଅମିୟ ଭୂଷଣ ସାହୁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଅମରେଶ ବେହେରା ଓ ରିଙ୍କୁ ସିଂହ ସ୍କୋରର ଥିଲେ। ପ୍ରଶାନ୍ତ ମହାନ୍ତି, ସୁନୀଲ ସାହୁ, ଚିନ୍ମୟ ପାଣଗ୍ରାହୀ, କପିଳ ଅଗ୍ରୱାଲ, ବିକାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିମାନେ ଛତିଶଗଡ଼ ଦଳକୁ ପୁରସ୍କୃତ କରୁଛନ୍ତି।

# ବାଦିକଟାକୁ ହରାଇ ପାଇକମାଳ ଚାମ୍ପିୟନ

## ନୃସିଂହନାଥ କପ୍ କ୍ରିକେଟ ଟୁର୍ନାମେଣ୍ଟ

**ପାଇକମାଳ,୧୫।୧(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ଏମ୍‌ଇ ସ୍କୁଲ ଖେଳପଡିଆରେ ନୃସିଂହନାଥ କପ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍‌ରେ ବାଦିକଟାକୁ ହରାଇ ପାଇକମାଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ମହେନ୍ଦ୍ର ବଢେଇ ମୁଖ୍ୟ ଅତିଥି, ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ, ପ୍ରମୋଦ ପ୍ରଧାନ, ବିବେକ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଆଲୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ୫ଦିନ ଧରି ଅନୁଷ୍ଠିତ ଏହି କ୍ରିକେଟ ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲରେ ପାଇକମାଳ ଦଳ ବିକ୍ରମନଗର ଦଳକୁ ହରାଇଥିଲା ବେଳେ ଦ୍ୱିତୀୟ ସେମିଫାଇନାଲରେ ଜମଲାକୁ ହରାଇ ବାଦିକଟା ଦଳ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ୍‌ରେ ପାଇକମାଳ ଦଳ ବାଦିକଟାକୁ ୯ ଉଇକେଟରେ ହରାଇ ଚାମ୍ପିୟନ ହୋଇଥିଲା। ପାଇକମାଳର କାଙ୍କୁ କାଲିଆ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ବାଦିକଟା ଦଳର ବିକି ବାବୁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁରଜ ପଣ୍ଡା, ଆଦିତ୍ୟ ସାହୁ ଖେଳ ପରିଚାଳନା କରିଥିବା ବେଳେ ବାବୁଲୁ ସାହୁ ଓ ମନୋଜ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ପିଙ୍କୁ ପଟେଲ, ଇସୁ ଭୋଇ, ମହମ୍ମଦ ମୁସ୍ତାକିଲ, ରାକୁ ସ୍ୱାଇଁ, ଯାଦବ ସାହୁ, ଆଶୁତୋଷ ଦାସ ସହଯୋଗ କରିଥିଲେ। ଦୀପକ କର ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ କୃତୀ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

# ପଞ୍ଚାୟତସ୍ତରୀୟ କ୍ରିକେଟ: କମିରା ଚାମ୍ପିୟନ

**ଅମରପାଲି,୧୫।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଚାରୋଟି ଦଳ ଅଂଶଗ୍ରହଣ କରିଥିବା ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ କମିରା ଓ ବିକଳପୁର ମଧ୍ୟରେ ହୋଇଥିଲା। ଏଥିରେ କମିରା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଲକ୍ଷ୍ମୀ ଓ ଆମ୍ବସେଭଟ୍ଟା ମଧ୍ୟରେ ହୋଇଥିଲା। ଏଥିରେ ଆମ୍ବସରଭଟ୍ଟା ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା କମିରା ଓ ଦ୍ୱିତୀୟ ମ୍ୟାଚର ବିଜେତା ଆମ୍ବସରଭଟ୍ଟା ମଧ୍ୟରେ ହୋଇଥିଲା। ଆମ୍ବସରଭଟ୍ଟା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୪୫ରନ କରିଥିବା ବେଳେ କମିରା ଦଳ ୬ ଓଭରରେ ୩ ଉଇକେଟ ହରାଇ ୪୬ରନ କରି ବିଜୟୀ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଅନୁସୟା ପଧାନ ମୁଖ୍ୟ ଅତିଥି, କମିରା ଗ୍ରାମର ଗୌନ୍ତିଆ ଗଜେନ୍ଦ୍ର ପଧାନ, କ୍ରୀଡାବିତ ଅଚ୍ୟୁତାନନ୍ଦ ସାହୁ, ଧରଣୀଧର ପାଢୀ, ରାମପ୍ରସାଦ କର୍ଣ୍ଣ, ଶ୍ରୀନିବାସ ପ୍ରଧାନ, ପ୍ରକାଶ ବାରିକ ଓ ସପନ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ରାମାନନ୍ଦ ପ୍ରଧାନଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ଦେବେଶ ଗାଇଗରିଆଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ କମିରା ଦଳକୁ ନଗଦ ୫ହଜାର ଟଙ୍କା ସହିତ ଟ୍ରଫି ଓ ଆମ୍ବସରଭଟା ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚଗୁଡିକରେ ପପୁନ ସାହୁ ଓ ତପନ ପଧାନ ଅମ୍ପେୟାର, ବିନୋଦ ପଧାନ ସ୍କୋରର ଏବଂ ଆଶିଷ ଷଡଙ୍ଗୀ ଧାରା ବିବରଣୀ ପ୍ରଦାନ କରିଥିଲେ।


ଫାଇନାଲ ମ୍ୟାଚ୍ ପୂର୍ବରୁ ଉଭୟ ଦଳର ଖେଳାଳି ଓ ଅତିଥି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଶଙ୍କରମାଲ ଗ୍ରାମରେ ରବିବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଭୂମିକା ହିଆଲ(୨୦)। ଅନ୍ୟପକ୍ଷେ ମୃତକଙ୍କ ଭାଇ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାମୀ ଘରେ ନ ଥିବା ବେଳେ ସନ୍ଦେହଜନକ ଭାବେ ଭୂମିକାଙ୍କ ମୃତ୍ୟୁ ଘଟିଥିବା ବେଳେ ମୁନିଗୁଡା ଗ୍ରାମର ତାଙ୍କ ଭାଇ ପିଣ୍ଟୁ ନର୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରଠାରେ ପହଞ୍ଚିଥିଲେ। ପାରିପାର୍ଶ୍ୱିକ ସ୍ଥିତିକୁ ଦେଇ ଏହା ଆତ୍ମହତ୍ୟା ନୁହେଁ, ଏହା ହତ୍ୟା ବୋଲି ଥାନରେ ଅଭିଯୋଗ କରୁଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।


ସମ୍ବଲପୁର ଲୋକମହୋତ୍ସବରେ ଆସାମର ବିହୁ ନୃତ୍ୟ।


ଲୋକ ମହୋତ୍ସବରେ ଖୋର୍ଦ୍ଧା ଜିଲାର ସମ୍ବଲପୁରୀ ନୃତ୍ୟ।

# ମନମୋହିଲା ନୃତ ଗୀତ ଆସର

ସମ୍ବଲପୁର,୧୫।୧(ବ୍ୟୁରୋ)

ସମ୍ବଲପୁର ପିଏଚଡି ପଡିଆଠାରେ ଚାଲିଥିବା ସମ୍ବଲପୁର ଲୋକ ମହୋତ୍ସବ-୨୩ର ରବିବାର ଥିଲା ତୃତୀୟ ସନ୍ଧ୍ୟା। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ, ପଦ୍ମଶ୍ରୀ ମିତ୍ରଭାନୁ ଗୌଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଏଡିଏମ ଅଜାମ୍ବର ମହାନ୍ତି, ଲୋକ ମହୋତ୍ସବ ନୋଡାଲ ଅଫସର ତଥା କମିଶନର ପ୍ରଦିପ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ଦିପକ କୁଲୁ, ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ରଞ୍ଜନ ସାହୁ ଉପସ୍ଥିତ ରହିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ନରୋତ୍ତମ ମହତ୍ତମଙ୍କ ସ୍ୱର ସଂଯୋଜନାରେ ଲୋକଗୀତ କାର୍ଯ୍ୟକ୍ରମ ହୋଇଥିଲା। ରାଜକୁମାର ଜାଳ, ସ୍ମୃତିକା ମିଶ୍ର, ସୈରଭ ଷଡଙ୍ଗୀ, ରେଶ୍ମା ଦାସ ଗୀତ ଗାଇଥିଲେ।


ସମ୍ବଲପୁର ଲୋକମହୋତ୍ସବ ତୃତୀୟ ରଜନୀରେ ଅତିଥି ଓ କର୍ମକର୍ତ୍ତା।

ପଞ୍ଜାବର ଭଙ୍ଗଡା ନୃତ୍ୟ ,ଝାଡଖଣ୍ଡର ଛଉ, ହରିୟାଣାର ଘୁମର, ଆସାମର ବିହୁ, ମହାରାଷ୍ଟ୍ରର ଲାବଣି, ତେଲେଙ୍ଗାନାର ଲମ୍ବାଡି ସମେତ ସମ୍ବଲପୁରୀ ଓ ଆଦିବାସୀ ନୃତ୍ୟ ପରିବେଷଣ ହୋଇଥିଲା । ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ପଶ୍ଚିମ ଓଡିଶା କଳାକାର, ଗୀତିକାର, କବି, ଲୋକଗୀତ,ନୃତ୍ୟ,ବାଦ୍ୟ,ସହ ସଂସ୍କୃତି ପରମ୍ପରାକୁ ଲୋକଲୋଚନକୁ ଆଣିବା ପାଇଁ ଏହା ଏକ ବଡ ପ୍ଲାଟଫର୍ମ। ସମ୍ବଲପୁରୀ ଗୀତ, ନୃତ୍ୟ ସୁନାମ ଅର୍ଜନ କରିଛି। ଏହି ଅବସରରେ ମହୋତ୍ସବ ପରିସରରେ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ସମ୍ବଲପୁର ଉକିଆ ଦଳ, ନାକଟିଦେଉଳ ବ୍ଲକର ପଥରିଆ ଦଣ୍ଡ ନୃତ୍ୟ, ବିଦ୍ୟାଶ୍ରୀ କଳା କ୍ଷେତ୍ର, ଗଞ୍ଜାମ ଜିଲା ବିଶ୍ୱ ଜନନୀ କଳା ପରିଷଦର ପଶୁ ନୃତ୍ୟ ଓ ମାନେଶ୍ୱର ବ୍ଲକର ପଶୁ ନୃତ୍ୟ ପରିବେଷିତ ହୋଇଥିଲା। ଏହି ଅବସରରେ ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ହସ୍ତତନ୍ତ, ହସ୍ତଶିଳ୍ପ ଓ ରାଜ୍ୟ ବାହାର ସାମଗ୍ରୀମାନ ବିକ୍ରି କରାଯାଇଥିଲା। ସକାଳେ ମହୋତ୍ସବ ପରିସରରେ ଲୋକ ସାହିତ୍ୟର ବିଭବ

### ଲୋକମହୋତ୍ସବର ତୃତୀୟ ରଜନୀ

ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଡ. ଦ୍ୱାରିକା ନାଥ ସଭାପତିତ୍ୱ କରିଥିଲେ। ଉତ୍ପଳ କୁମାର ଭୋଇ, ଦିପାଲି ଚୌଧୁରୀ, ସୁଶାନ୍ତ ମିଶ୍ର, ରତନ ପୂଜାରୀ ବକ୍ତା ଭାବେ ଯୋଗଦେଇ ଲୋକବାଦ୍ୟ, ଲୋକଗୀତ ବିଷୟରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ମହୋନ ସାହୁ ସଭାପତିତ୍ୱ କରିଥିଲେ। ଡ, ପରମେଶ୍ୱର ମୁଣ୍ଡ, ନାଟଶ୍ରୀ ବିପିନ ବିହାରୀ ଦାଶ ଯୋଗଦେଇ ବଜନିଆ ଉପରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ର ସଂଯୋଜକ ଅତିଶ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚିତ୍ରକଳା ପ୍ରଦର୍ଶନୀ ହଲରେ ଚିତ୍ରକଳା କର୍ମଶାଳା ହୋଇଥିଲା। ସହରର ବିଭିନ୍ନ ସ୍ଥାନରୁ କଳାକାରମାନେ ଯୋଗ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଗୋବିନ୍ଦ


@ ଜିତୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କିସାନ ସମାଜର ବାର୍ଷିକ ଉତ୍ସବ

କୁଚିଣ୍ଡା,୧୫।୧(ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ଏନଏସି ୱାର୍ଡ ନଂ ୧ ମହୁଲଡିହିରେ ୫୫୦ କିସାନ ଜାତି ସମାଜ ମହୁଲଡିହି ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିସାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୁଚିଣ୍ଡା ଆଇ.ଟି.ଡି.ଏର କନିଷ୍ଠ ଯନ୍ତ୍ରୀ ଜାଗରଥି ପ୍ରଧାନ, ଶୋଭାରାମ ପ୍ରଧାନ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବକୁ ସରୋଜ ବାଘ, ମନୋଜ ବାଘ, ସରୋଜ ମାଝୀ, ଦେବେନ୍ଦ୍ର ମାଝୀ, ଚନ୍ଦ୍ରମଣି ମାଝୀ, ସୁଦର୍ଶନ ବାଘ, ବସନ୍ତ ମାଝି, ଈଶ୍ୱର ବାଘ, ରମେଶ ବାଘ, ସୁଶାନ୍ତ ବାଘ, କପିଳ କାଉ ପ୍ରମୁଖ ପରିଚାଳନା କରିଥିଲେ। ଏହି ଉତ୍ସବରେ କିସାନ ସମାଜର କିଭଳି ଉନ୍ନତି ହେବ ସେ ବିଷୟରେ ମୁଖ୍ୟତଃ ଆଲୋଚନା ହୋଇଥିଲା।

# କୁଶନପୁରୀ ମାଳତି ସେତୁ ଉଦ୍‌ଘାଟିତ

ସମ୍ବଲପୁର/ପଡିଆବାହାଲ, ୧୫।୧(ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ଝୁଜୁମୁରା ବ୍ଲକ ବାହାମ ଓ କୁକୁଡ଼ାପାଲି ପଞ୍ଚାୟତ ଦ୍ୱୟକୁ ସଂଯୋଗ କରୁଥିବା ବାହାମ ଓ କୁଶନପୁରୀ ମଝିରେ ବହିଯାଉଥିବା ମାଳତି ଜୋର ଉପରେ ନୂତନ ଭାବେ ନିର୍ମିତ ହୋଇଥିବା ସେତୁ ରବିବାର ଉଦ୍‌ଘାଟିତ ହୋଇଛି। ରେଢ଼ାଖୋଲ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ଏହାକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ରାସ୍ତା ଅବସ୍ଥା ଠିକ ନ ଥିବାରୁ ଅଞ୍ଚଳବାସୀଙ୍କ ଯାତାୟତରେ ସମସ୍ୟା ହେଉଥିଲା। ଫଳରେ ଅଞ୍ଚଳବାସୀଙ୍କ ଦାବି ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସେତୁ ଯୋଜନାରେ ମାଳିତି ଜୋରରେ ଏକ ବ୍ରିଜ ପାଇଁ ଅନୁମୋଦନ କରିଥିଲେ। ପକ୍କା ରାସ୍ତା ସହ ବ୍ରିଜ ନିର୍ମାଣ ହୋଇଛି । କୁକୁଡାପାଲି ଓ ବାହାମ ପଞ୍ଚାୟତବାସୀ ବିଶେଷ ଭାବେ ଉପକୃତ ହେବେ। ଏହାସହ



ମାଳତି ଜୋରରେ ବିଜୁ ସେତୁ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଓ ଅନ୍ୟମାନେ।

ଆଖପାଖ ପଞ୍ଚାୟତ ଓ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକମାନେ ମଧ୍ୟ ଲାଭ ପାଇ ପାରିବେ। ସୁବିଧାରେ ପଡିଆବାହାଲ ମୁଖ୍ୟ ଛକକୁ ଯାଇ ନିଜର ବ୍ୟକ୍ତିଗତ କାମ କରିବା ସହ ଚାଷୀମାନେ ବଜାରରେ ଫସଲ ବିକ୍ରି କରି ପାରିବେ। ଶିକ୍ଷା,ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଏହି ସେତୁ ଲୋକଙ୍କୁ ସୁବିଧା ଯୋଗାଇବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝୁଜୁମୁରା ବ୍ଲକ ବିଜେଡି ସଭାପତି ବିନୋଦ ବହପଣ୍ଡା, ଝୁଜୁମୁରା ବ୍ଲକ ଅଧ୍ୟକ୍ଷା ମମତା ନାଏକ, ମାଧବ ମିର୍ଦ୍ଧା, ଜିଲା ପରିଷଦ ସଭ୍ୟା କବିତା ସାହୁ, ସରୋଜ ସାମଲ, ପ୍ରଫୁଲ ମଗର, ଆଶୁତୋଷ ପଣ୍ଡା, ରାମକୃଷ୍ଣ କର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ସାହୁ, ପ୍ରତାପ ନାଏକ, ସୁରେଖା ସାହୁ, କୁକୁଡ଼ାପାଲି ସରପଞ୍ଚ, ନାଏବ ସରପଞ୍ଚଙ୍କ ସମେତ ଆଖପାଖ ଗ୍ରାମର ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ ହୋଇଛି ।

# ଖଲିଆକାନି ମକର ଯାତ୍ରା

ବ୍ରଜରଜନଗର,୧୫।୧(ଡି.ଏନ.ଏ.)

ଝାରସୁଗୁଡା ଜିଲା ବ୍ରଜରାଜନଗର ଖଲିଆକାନି ମକର ଯାତ୍ରା ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଶନିବାର ଅପରାହ୍ନରେ ହରିହରଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ଅତିଥିମାନଙ୍କ ଉପସ୍ଥିତିରେ ରଥ ଉପରୁ ଭୋଗ ଲଡୁ ଭକ୍ତମାନଙ୍କ ଉଦ୍ଦେଶରେ ଫୋପଡ଼ା ଯାଇଥିଲା। ବିଶ୍ୱାସ ରହିଛି ଖଲିଆକାନି ମକର ଯାତ୍ରାର ଭୋଗ ଯିଏ ପାଏ ତାର ମାନସିକ ପୂର୍ଣ୍ଣ ହୋଇଥାଏ। ତେଣୁ ଏହି ଭୋଗ ପାଇବା ପାଇଁ ଶ୍ରଦ୍ଧାଳୁମାନେ ଉପବାସ କରି ରହିଥାନ୍ତି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନଗରପାଳ ଯାଜ୍ଞସେନୀ ଓରାମ, ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ

### ପୁସ୍ତକ ଉନ୍ମୋଚନ, ସାଂସ୍କୃତିକ କାର୍ଯ୍ୟକ୍ରମ

ବିଶ୍ୱନାଥ ନାୟକ, ଝାରସୁଗୁଡା ବାର ଆସୋସିଏଶନ ସଭାପତି ତ୍ରିନାଥ ଗୁଆଳ ସମାନିତ ଅତିଥି ଭାବେ ଯୋଗଦେଇ ମକର ଯାତ୍ରାର ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ରୁଦ୍ରନାରାୟଣ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ରାଧାକାନ୍ତ ପ୍ରଧାନ, ମହେନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ଆଇନଜୀବୀ ପବିତ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଝାରଖଣ୍ଡରୁ ଆସିଥିବା କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କୁଟୁରାଚୁଆଁ କଲେଜରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

କୁଚିଣ୍ଡା,୧୫।୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତ ୨କଲେଜରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୁଟୁରାଚୁଆଁ ନୂତନ ପ୍ରାଥମିକ ସାସ୍ଥ୍ୟକେନ୍ଦ୍ର ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ସମସ୍ତ ଛାତ୍ରୀଛାତ୍ରଙ୍କ ହେମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ଶିବିରକୁ ଆଶାକର୍ମୀ ମିନା ହଂସ ଓ ସିଏଚଓ ଗାୟତ୍ରୀ ବିନ୍ଧାଣୀ ପରିଚାଳନା କରିଥିଲେ। ସମ୍ବଲପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାର୍କ ଓ କଲେଜର ଯୁବ ରେଡ଼କ୍ରସ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଥିଲା। ଆଞ୍ଚଳିକ ପରିବହନ ନିରୀକ୍ଷକ ଧର୍ମେନ୍ଦ୍ର ଦେହୁରୀ ମୁଖ୍ୟଅତିଥି, କୁଚିଣ୍ଡା ଥାନା ଅଧିକାରୀ ଶୋଭାକର ସେଠ ମୁଖ୍ୟବକ୍ତା, ସୁବାସ ଚନ୍ଦ୍ର ନାୟକ, ସାର୍କ ସମ୍ପାଦକ ଅଶୋକ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁବ ରେଡ଼କ୍ରସ ପରାମର୍ଶଦାତା ସତ୍ୟନାରାୟଣ ପଟେଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଧୀର ନାଏକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା ନାୟକ, ଲାଇବ୍ରେରିଆନ ଦେବାନନ୍ଦ ମହାପାତ୍ର, ଦିଲୀପ କୁମାର ପୁରୋହିତ, ଡିଇଓ ସମିନ ରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆୟୋଜିତ ଶୋଭାଯାତ୍ରା।

### ଝାରସୁଗୁଡା ଜିଲା ମହୋତ୍ସବ ଦ୍ୱିତୀୟ ଦିବସ

# ସଙ୍ଗୀତର ନାହିଁ ପ୍ରତିବନ୍ଧକ

ଝାରସୁଗୁଡା ଅଫିସ୍,୧୫।୧

ସଙ୍ଗୀତରେ ଭାଷା,ଜାତି, ଧର୍ମ ଆଦି କୌଣସି ପ୍ରତିବନ୍ଧକ ନାହିଁ। ସଙ୍ଗୀତ ସବୁବେଳେ ରାଜନୀତିରୁ ଉର୍ଦ୍ଧ୍ୱରେ ରହିଛି। ସଙ୍ଗୀତ ଜଗତରେ କ୍ଲାସିକାଲ୍ ସଙ୍ଗୀତ ଓ ମ୍ୟୁଜିକାଲ ସଙ୍ଗୀତର ସ୍ୱତନ୍ତ୍ରତା ରହିଛି। ଓଡିଶା ହେଉଛି କଳା, ସଂସ୍କୃତି ଓ ଐତିହ୍ୟର ରାଜ୍ୟ । ଏହି ରାଜ୍ୟର ଲୁକ୍କାୟିତ କଳା,ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଏହି ଜିଲା ମହୋତ୍ସବ ଆୟୋଜିତ ହେଉଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧାରୀ ଗମାଙ୍ଗ ମତବ୍ୟକ୍ତ କରିଛନ୍ତି। ୨୧ତମ ଝାରସୁଗୁଡା ଜିଲା ମହୋତ୍ସବ ଦୁଲ୍‌ଦୁଲି ଓ ପଲ୍ଲିଶ୍ରୀ ମେଳାର ରବିବାର ଦ୍ୱିତୀୟ ଦିବସରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗମାଙ୍ଗ ତାଙ୍କ ଅଭିଭାଷଣରେ ଏହା କହିଛନ୍ତି। ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଉତ୍ସବରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଅତିରିକ୍ତ ଏସ୍‌ପି କେଶବ ଚନ୍ଦ୍ର ବେହେରା, ତହସିଲଦାର ବସନ୍ତ ହାତୀ, ଓଆର୍‌ଏମ୍‌ଏସ୍ ଅଧିକାରିଣୀ ଭାଗ୍ୟଶ୍ରୀ ରାଉତ ସମ୍ମାନିତ ଅତିଥି



ପଞ୍ଜାବର ଜିନ୍ଦୁଆ ଫୋକ ଡ୍ୟାନ୍ସ।

ଭାବେ ଯୋଗ ଦେଇଥିଲେ । ପ୍ରଫେସର ଟହଲୁ ସାହୁ ମଞ୍ଚ ସଂଚାଳନା କରିଥିବା ବେଳେ ଅତିରିକ୍ତ ଜିଲାପାଳ ଅମାତ ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ମଞ୍ଚରେ ଓଆର୍‌ଏମ୍‌ଏସ୍ ଅଧିକାରିଣୀ ରାଉତଙ୍କୁ ମୁଖ୍ୟଅତିଥି ଗମାଙ୍ଗ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚାସୀନ ଅତିଥିମାନେ ନିଜ ନିଜ ଅଭିଭାଷଣରେ ଜିଲାର କଳା,ସଂସ୍କୃତି,ଐତିହ୍ୟ ଓ ପରମ୍ପରା ଉପରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ ।

ଏହି ଅବସରରେ ଅନୁଷ୍ଠିତ ପୂର୍ବାହ୍ନ ଅଧିବେଶନରେ ଶିକ୍ଷକ,ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତାଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଟିଆର୍‌ଏଲ କ୍ରୋସାକୀ କମ୍ପାନୀର ଆଭାଷ ପଟେଲ, ଶଙ୍କର ସାହୁ, ଅନ୍ନପୂର୍ଣ୍ଣା ପଟ୍ଟନାୟକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଚାମ୍ପିୟନ ହୋଇଥିବା ବେଳେ ଝାରସୁଗୁଡା ସିଏ ଆସୋସିଏଶନର ମନୋଜ ସୁଲତାନିଆ,ମନିଷ ଡିଓ୍ୱାନିଆ,ଶ୍ରେୟ ସାହା ପ୍ରଥମ,ଦ୍ୱତୀୟ ଓ ତୃତୀୟ ଭାବେ ରନର୍ସ ହୋଇଥିଲେ। ଜିଲାର ବିଭିନ୍ନ ଦିବ୍ୟାଙ୍ଗ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଶ୍ୱଦେଖ ମଧୁମୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ଝାଡେଶ୍ୱରୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟ, ବୃନ୍ଦାମାଲ ମୁକବଧିର ଓ ଏମ୍‌ଆର୍ ବିଦ୍ୟାଳୟ, ଦିପୁପଡାସ୍ଥିତ ଆଶା କିରଣ ଆଦି ଅନୁଷ୍ଠାନ ସାମିଲ ହୋଇଥିଲେ। ଏଥିରେ ତାପସ ରାୟ ଚୌଧୁରୀ,ଗୋପାଳ କୃଷ୍ଣ ପଟ୍ଟନାୟକ,ରଘୁମଣି ପଟେଲ,ପ୍ରତାପ ନନ୍ଦ,ସୁନନ୍ଦ ମହାରଣା,ଡ.ପ୍ରକାଶ ଚନ୍ଦ୍ର ରଣା ଓ ପିଣ୍ଟୁ ପାତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହାସହିତ ବରିଷ୍ଠ

### ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା

ନାଗରିକଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିବା ବେଳେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହାସହିତ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିମଧ୍ୟରେ ପଞ୍ଜାବ ରୁରାଲ୍ ଏକାଡେମୀର ଜିନ୍ଦୁଆ ଫୋକ୍‌ଡ୍ୟାନ୍ସ, ରାଜସ୍ଥାନର ଟେରାଟାଲୀ ଫୋକ୍ ଡ୍ୟାନ୍ସ, ରାୟଗଡାର ବୋଲ୍ଲୁ ନାଚ, ଗଞ୍ଜାମର ଆନିମଲ୍ ମାସ୍କଡ୍ୟାନ୍ସ, ବରଗଡର ଡାଲଖାଇ, ସମ୍ବଲପୁରର ମହାନଦୀର କଥା, ଭାବରା ଲହରା, ବ୍ରଜରାଜନଗର ମାଧବ ସଙ୍ଗୀତ ସମିତିର କୀର୍ତ୍ତମାୟା, ଭୁବନେଶ୍ୱରର ଓଡିଶୀ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ଏଥିରେ ପଞ୍ଜାବର ଫୋକ୍ ଡ୍ୟାନ୍ସ ଦର୍ଶକଙ୍କ ମନ ମୋହିଥିଲା। ମହୋତ୍ସବର ଦ୍ୱିତୀୟ ଦିନରେ ବହୁ ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା। ପୋଲିସ୍ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ସଂକ୍ଷେପରେ

### ବଢୁଛି ଚୋରି, ଚିନ୍ତାରେ ଲୋକେ

**ଲୋଇସିଂହା,୧୫।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କରକଟିଆ ଛକ ନିକଟରେ ଥିବା ଏକ ଗଭୀର ନଳକୂପର ମୋଟର ଗତରାତିରେ ଚୋରି ହୋଇଯାଇଛି। ଏ ନେଇ ମନସାପାଲି ଗ୍ରାମବାସୀ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ସମ୍ପୃକ୍ତ ଅଞ୍ଚଳର ରାସ୍ତାଘାଟରେ ଲାଗି ଥିବା ଲୁହା ସୂଚନା ଫଳକ, ବିଦ୍ୟୁତ୍ ଖୁଣ୍ଟ ନିୟମିତ ଭାବେ ଚୋରି ହୋଇ ଆସୁଛି । ଚୋରି ସମ୍ବନ୍ଧେ ସ୍ଥାନୀୟ ପୋଲିସ ଦୃଷ୍ଟି ଆକର୍ଷଣ କରାଯାଉଛି। ହେଲେ ଚୋରଙ୍କୁ ଧରିବାରେ ପୋଲିସ ବିଫଳ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କରକଟିଆ ଛକ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷେ ଗଭୀର ନଳକୂପ ମୋଟର ଚୋରି ହୋଇ ଯାଇଥିବାରୁ ଆଗକୁ ମନସାପାଲି ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି।

### ହରିଶଙ୍କରପୀଠର ଉନ୍ନତିମୂଳକ କାମ ସମ୍ପର୍କରେ ଅବଗତ କର

**ଖପ୍ରାଖୋଲ,୧୫।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଥିବା ପର୍ଯ୍ୟଟନସ୍ଥଳୀ ହରିଶଙ୍କରର ଉନ୍ନତିମୂଳକ କାମ ଚାଲିଛି। ହେଲେ ଏ ସମ୍ପର୍କରେ ସର୍ବସାଧାରଣ ଜାଣି ପାରୁନାହାନ୍ତି। ଏଣୁ ମଡେଲ ପ୍ଲାନ ସମ୍ପର୍କରେ ଅବଗତ କରାଇବାକୁ ହରିଶଙ୍କର ବିକାଶ ମଞ୍ଚ ଦାବି କରିଛି। ଶନିବାର ଏକ ଖବରଦାତା ସମ୍ମିଳନୀ କରି ହରିଶଙ୍କର ବିକାଶ ମଞ୍ଚ ସଭାପତି ଡିଙ୍ଗର କୁମ୍ଭାର କହିଛନ୍ତି ଯେ, ହରିଶଙ୍କର କ୍ଷେତ୍ରର ଆଶାନୁରୂପକ ଉନ୍ନତି ହେଉନାହିଁ। ପାନୀୟ ଜଳ, ପରିମଳ, ଗମନାଗମନ, ଝରଣାର ସୌନ୍ଦର୍ଯ୍ୟକରଣ, ହରିଶଙ୍କରରୁ ନୃସିଂନାଥକୁ ପାହାଡ଼ ରାସ୍ତା ସଫେଇ, ଦୋକାନୀଙ୍କୁ ଥଇଥାନ ଆଦି ୨୧ଟି ଦାବି ସେ ଉପସ୍ଥାପନ କରିଥିଲେ। ଏହି ଅବସରରେ ପଞ୍ଚମ ପ୍ରଧାନ, ଡ ଜନସନ ନାଗ, ଶାନ୍ତନୁ ବୁଢ଼ିଆ, ଅଭିଲାଷ ଭୋଇ, ସୁବାସ ଆଚାର୍ଯ୍ୟ, ଟେକେନ୍ଦ୍ର ଜାଲ, ସୁଶୀଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତ ହାଇସ୍କୁଲ ବାର୍ଷିକ କ୍ରୀଡ଼ା

**ଟିଟିଲାଗଡ,୧୫।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ନାରେନ ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ସରପଞ୍ଚ ଯମୁନା ମହାନନ୍ଦ, ସମ୍ମାନୀତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ସଭାପତି ତପବନ୍ତ ପୁଟେଲ ଯୋଗ ଦେଇଥିଲେ। ପ୍ରଥମେ ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ସାହୁଙ୍କ ନେତୃତ୍ୱରେ ଏକ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହାପରେ ପିଲାମାନେ ସେହି ମଶାଲକୁ ବିଦ୍ୟାଳୟ ଖେଳ ପଡିଆକୁ ଆଣିଥିଲେ। ଏଡି ଉପଲକ୍ଷେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ସାହୁ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ କ୍ରୀଡ଼ା କ୍ଷେତ୍ରରେ ନିଜ ପ୍ରତିଭାକୁ ଜିଲା ଓ ରାଜ୍ୟସ୍ତରରେ ପ୍ରଦର୍ଶିତ କରିବାକୁ ଆହ୍ୱାନ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ବନମାଳି ସ୍ୱାଇଁ ଓ ଘୋଡାର ହାଇସ୍କୁଲ କ୍ରୀଡା ଶିକ୍ଷକ ମକରଧ୍ୱଜ ରଣାଙ୍କ ନେତୃତ୍ୱରେ ୧୦୦ ମିଟର ଦୌଡ, ୨ଶହ ମିଟର ଦୌଡ, ୧୦୦ ମିଟର ରିଲେ ଦୌଡ, ଗୋଲା ଫିଙ୍ଗା, ଥାଳିଆ ଫିଙ୍ଗା, ଲମ୍ବଡିଆ, ଉଚ୍ଚଡିଆ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଧରଣୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧିକାରୀ ଦେଖିଲେ, ସ୍ଥିତି ସୁଧୁରୁନି

## ଯୋଗୀସର୍ଡା ପାକ୍ସରେ ଅଚଳାବସ୍ଥା ଜାରି

**ଲୋଇସିଂହା,୧୫।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା କୃଷି ସମବାୟ ସମିତିରେ ଖରିଫ ଧାନକିଣା ଚର୍ଚ୍ଚାରେ ରହିଛି। ଜାଲିଆତି କରି ଭାଗଚାଷୀ ସାଜି ଧାନ କିଣିବା ଅଭିଯୋଗରେ ପାକ୍ସ ଡିଇଓ ଚନ୍ଦ୍ରକାନ୍ତ ମିଶ୍ରଙ୍କୁ ସମବାୟ ବିଭାଗ ବରଖାସ୍ତ କରିଛି। ଏବେ ପୁଣି ଆଉ ଏକ ବିବାଦରେ ପାକ୍ସ ଛନ୍ଦି ହୋଇଛି। ପାକ୍ସଠାରୁ ୩ କିମି ଦୂର ଭାଲିଆମୁଣ୍ଡା ଆରଏମ୍‌ସି ସାପ୍ତାହିକ ବଜାରକୁ ମଣ୍ଡି ସ୍ଥାନାନ୍ତରିତ କରି ଧାନକ୍ରୟ କରାଯାଉଛି। ଏହାକୁ ନେଇ ବିବାଦ ଉପୁଜିଛି। କେତେକ ବେପାରୀଙ୍କୁ ସୁହାଇଲା ଭଳି ମଣ୍ଡି ସ୍ଥାନାନ୍ତରିତ ଅଭିଯୋଗ ହୋଇଛି। ବିନା ସୁରକ୍ଷାରେ ସେଠାରେ ଖୋଲା ଆକାଶରେ ହଜାର ହଜାର ବସ୍ତା ଧାନ ପଡିରହିବା ଚାଷୀଙ୍କ ଅସନ୍ତୋଷର କାରଣ ସାଜିଛି । ଏହାକୁ ନେଇ ଆପତ୍ତି ଉଠିବାରୁ ଜିଲା ଯୋଗାଣ ଓ ସମବାୟ ବିଭାଗର ବରିଷ୍ଠ ଅଧିକାରୀ ଶନିବାର କ୍ଷେତ୍ର ପରିଦର୍ଶନ କରିଥିଲେ। ଅଧିକାରୀଙ୍କ ଉପସ୍ଥିତିରେ ଧାନ କିଣାଯାଇଥିଲା । ୭ଟି ଗାଡିରେ ୨୨ଶହ କୁଇଣ୍ଟାଲ ଧାନ ଉଠାଣ ହୋଇଥିବା ପାକ୍ସ ସୂତ୍ରରୁ ପ୍ରକାଶ । କ୍ରୟ ପୂର୍ବରୁ ମଣ୍ଡିରେ ଚାଷୀଙ୍କୁ ଛିଡା କରି ଫଟୋ ନେଇଥିଲେ ଅଧିକାରୀ । ସତ୍ୟତା ଜାଣିବା ପାଇଁ କେଉଁ ଚାଷୀ କେତେ ବସ୍ତା ଧାନ ଆଣିଥିଲେ ତାହା ପଚାରିଥିଲେ । ହେଲେ ଅଧିକାଂଶ ଚାଷୀ ବିକ୍ରି ପାଇଁ କେତେ ବସ୍ତା ଧାନ ଆଣିଛନ୍ତି କହିବା ଦୂରର କଥା, ଧାନର କିସମ ବି କହି ପାରି ନ ଥିବା ଜଣାପଡିଛି। ଅଧିକାରୀଙ୍କ ଆଗରେ ଚାଷୀଙ୍କ କାର୍ଡ ହାତେଇ ଧାନ କାରବାର କରୁଥିବା କେତେକ ବେପାରୀଙ୍କ ଅସଲତା ପଦାରେ ପଡି ଯାଇଥିବା ଆଲୋଚନା ହେଉଛି ।

ଯୋଗୀସର୍ଡା, ବାଦିବାହାଲ ଓ ବୁଢ଼ୀପଦର ପଞ୍ଚାୟତର କେତେକ ଗ୍ରାମକୁ ନେଇ ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି ଗଠିତ । ୨୦୨୨-୨୩ ବର୍ଷରେ ପାକ୍ସରେ ଚାଷୀଙ୍କ ଧାନବିକ୍ରି ପାଇଁ ୮୬୫ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ଅଦ୍ୟାବଧି ୫୪୯ଜଣ ଚାଷୀଙ୍କ ୨୧ହଜାର ୮୪୯କୁଇଣ୍ଟାଲ ଧାନକ୍ରୟ ହୋଇଛି। ପାକ୍ସରୁ ଧାନ କିଣିବା ପାଇଁ ତୁଷୁରାର ବିକାଶ, ଶ୍ରୀଗଣେଶ ଓ ନାରାୟଣୀ ମିଲର୍ସ ଟାର୍ଗେଟ ପାଇଥିଲେ। ହେଲେ ଜିଲାପାଳ ନାରାୟଣୀକୁ ଧାନକ୍ରୟରୁ ବାତିଲ କରି ଲୋକନାଥ ମିଲର୍ସକୁ ଦାୟିତ୍ୱ ଦେଇଥିଲେ। ଲୋକନାଥ ମିଲର୍ସ ଟାର୍ଗେଟ ପାଇଥିବା ୫୫୧୦ କୁଇଣ୍ଟାଲରୁ ୧ ଶହ କୁଇଣ୍ଟାଲ କ୍ରୟ କରିବାକୁ ବାକି ରହିଛି । ସେହିପରି ଶ୍ରୀଗଣେଶ ୧୦୪୦ କୁଇଣ୍ଟାଲ ୫୯ କେଜି ଧାନ କ୍ରୟ ବାକି ରହିଛି । ଅପରପକ୍ଷେ ବିକାଶ ମିଲର୍ସ ସର୍ବାଧିକ ୧୬ ହଜାର ୧୨୫ କୁଇଣ୍ଟାଲ ୭୪ କେଜି ଟାର୍ଗେଟ ପାଇଛି । ସେଥିରୁ ୧୦ ହଜାର ୯୪୯ କୁଇଣ୍ଟାଲ ୬୮ କେଜି ଏବେ ସୁଦ୍ଧା କ୍ରୟ କରିଛି। ମିଲର୍ସଙ୍କ ଅସହଯୋଗ ଯୋଗୁ ମଣ୍ଡିରୁ ଧାନ ଉଠାଣରେ ବାଧକ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏଥିସହିତ କଟ୍‌ନୀଛଟନି ଏକ ପ୍ରମୁଖ ସମସ୍ୟା ହୋଇଛି । ସମିତି ପରିସରରେ ତାର ଜାଲି ସହ ସିସି କ୍ୟାମେରା ଲାଗିଛି। ଏହାସତ୍ତ୍ୱେ ଚାଷୀଙ୍କ ଧାନ ଚୋରି ଅଭିଯୋଗ ହୋଇଆସୁଥିଲା। ଏବେ ପାକ୍ସଠାରୁ ୩ କିମିଦୂର ଖୋଲା ସ୍ଥାନରେ ଧାନ କିଣିବା ଏବଂ ବିନା ସିସ କ୍ୟାମେରାରେ ହଜାରହଜାର ବସ୍ତା ଧାନ ପଡି ରହିବା ଚାଷୀଙ୍କୁ ସଂଶୟରେ ପକାଇଛି । ଏବେବି ୧୨ ଶହ କୁଇଣ୍ଟାଲ ଧାନ ମଣ୍ଡିର ଖୋଲା ଆକାଶ ତଳେ ପଡି ରହିଛି ଏବଂ ଚାଷୀମାନେ ଶୀତକାକରରେ ଜଗି ରହିଥିବା ଦେଖିବାକୁ ମିଳୁଛି।



ଭାଲିଆମୁଣ୍ଡା ସ୍ଥାନାନ୍ତରିତ ମଣ୍ଡିରେ ପଡି ରହିଥିବା ଧାନବସ୍ତା।

# ଆବଶ୍ୟକତା ଦୃଷ୍ଟିରୁ ପରିବର୍ତ୍ତନ କରାଯିବ: ଏଡିଏମ୍

## କୋଶଳ କଳାମଣ୍ଡଳ ମୁଖ୍ୟ ପେଣ୍ଡାଲ ନିର୍ମାଣ ପ୍ରସଙ୍ଗ

**ବଲାଙ୍ଗୀର ଅଫିସ,୧୫।୧**

ଆସନ୍ତା ୨୦ ତାରିଖରୁ ବଲାଙ୍ଗୀର ଲୋକଉତ୍ସବ ଆରମ୍ଭ ହେବ। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। କୋଶଳ କଳାମଣ୍ଡଳ ମଞ୍ଚରେ କଳାକାରମାନେ ଲୋକକଳା, ଲୋକନୃତ୍ୟ ପରିବେଷଣ କରିବେ। ଚଳିତବର୍ଷ ହକି ବିଶ୍ୱକପ ଆୟୋଜନକୁ ଦୃଷ୍ଟିରେ ରଖି ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ଏହି କାରଣରୁ କଳାମଣ୍ଡଳ ମୁଖ୍ୟ ପେଣ୍ଡାଲ ସମ୍ପ୍ରସାରଣ କରାଯାଉଛି। ଏହି ପେଣ୍ଡାଲ ସମ୍ପ୍ରସାରଣ ଫଳରେ କଳାକାର ପ୍ରଦର୍ଶନରେ ଅସୁବିଧା ହେବ ବୋଲି ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗକୁ ଏଡିଏମ୍ ଲମ୍ବୋଦର ଧରୁଆ ଖଣ୍ଡନ କରିଛନ୍ତି। ଲୋକଉତ୍ସବ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ପେଣ୍ଡାଲର ଅସ୍ଥାୟୀ ସମ୍ପ୍ରସାରଣ କରାଯାଉଛି। ପରବର୍ତ୍ତୀ ସମୟରେ ଆବଶ୍ୟକ ପଡିଲେ ପୁଣି ଏଥିରେ ପରିବର୍ତ୍ତନ କରାଯିବ ବୋଲି ସେ କହିଛନ୍ତି। ଏଭଳିକି ଗତ ୩ ତାରିଖରେ ଲୋକଉତ୍ସବ ସମିତିର ବିଭିନ୍ନ କମିଟି ଅଧ୍ୟକ୍ଷ ଏବଂ ସହଅଧ୍ୟକ୍ଷଙ୍କ ବୈଠକରେ ପଡିଆ ସମ୍ପ୍ରସାରଣ ସମ୍ପର୍କରେ ନିଷ୍ପତ୍ତି ହୋଇଥିଲା। ଏଥିରେ ସମସ୍ତ ଉପସ୍ଥିତ ସଦସ୍ୟଙ୍କ ସହମତିକୁ ନେଇ ପଡିଆ ସମ୍ପ୍ରସାରଣ କରାଯାଇଥିଲା ବୋଲି ଏଡିଏମ୍ ଧରୁଆ କହିଛନ୍ତି।

# ବନ୍ଧୁମିଳନରେ ଶିକ୍ଷା ବିକାଶ ଚିନ୍ତା



ବନ୍ଧୁମିଳନରେ ଉପସ୍ଥିତ ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ୮୬ ମାଟ୍ରିକ ବ୍ୟାଚ୍ ପ୍ରାକ୍ତନ ଛାତ୍ର।

**ମୁରିବାହାଲ,୧୫।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ୧୯୮୬ ମାଟ୍ରିକ ବ୍ୟାଚର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ଜୁନିୟର କଲେଜ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଆବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ନିକଟରେ ପରଲୋକ ହୋଇଥିବା ଏହି ବ୍ୟାଚର ଉଗ୍ରସେନ ପାତ୍ରଙ୍କ ଅମର ଆତ୍ମର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାଥନା କରାଯାଇଥିଲା। ପରେ ଉକ୍ତ ବ୍ୟାଚର ସରୋଜ କୁମାର ନାୟକ, ଅଗସ୍ତି ବାଘାର, ଅରବିନ୍ଦ ଦାସ, ସୁରେଶ କୁମାର ଶର୍ମା, ଲମ୍ବୋଦର ଭୋଇ, ସୀତାରାମ ହାତୀ, ମନରଞ୍ଜନ ଖମାରି, ବିଷମ ପଧାନ, ଶଶୀଭୂଷଣ ମେହେର, ସୁରେଶ କୁମାର ମହାକୁର, ଲକ୍ଷ୍ମୀକାନ୍ତ କର୍ମୀ ପ୍ରମୁଖ ଉପସ୍ଥିତ ରହି ସ୍କୁଲ ଜୀବନର ସ୍ମୃତି ବାଣ୍ଟି ଥିଲେ। ଆଗାମୀ ଦିନରେ ମୁରିବାହାଲ ଅଞ୍ଚଳରେ ଶିକ୍ଷାର ବିକାଶ ଦିଗରେ ପଦକ୍ଷେପ ନେବା ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ବାଲିଖମାର ଚାମ୍ପିୟନ



ଚାମ୍ପିୟନ ଦଳର ଖେଳାଳିଙ୍କ ସହ ଅତିଥିମାନେ।

**ଦେଓଗାଁ,୧୫।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜ୍ଜୁନପୁର ଖେଳପଡିଆରେ ସ୍ଥାନୀୟ ବାପୁଜୀ କୃଷକ ମଙ୍ଗଳ ପାଠାଗାର ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହିଦିନ ବାଲିଖମାର ଓ ଖଲିଆପାଲି ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୧-୦ଗୋଲରେ ବାଲିଖମାର ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପ୍ରଦୀପ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର, ସମ୍ମାନୀତ ଅତିଥିଭାବେ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ଆଦିବାସୀ ନେତା ମୟ ପ୍ରଧାନୀ, ସେବାଦଳ ମୁଖ୍ୟ ଅସିତ ମିଶ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ ।

# ଶ୍ରମିକ ବଦଳରେ ମେଶିନ କରୁଛି କାମ

## ପିଡିଙ୍କୁ ଦାବିପତ୍ର

**ଖଡ଼ିଆଳ,୧୫।୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ କୃଷି ସିଁଚାଇ ଯୋଜନା ଅନ୍ତର୍ଗତ ଚହଲା ନିର୍ମାଣ କାର୍ଯ୍ୟରେ ଶ୍ରମିକ ବଦଳରେ ମେଶିନରେ କାମ ହେଉଥିବା ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଜଳ ବିଭାଜିକା ପ୍ରକଳ୍ପ ଖଡ଼ିଆଳ ପକ୍ଷରୁ ପଲମା, ଚଚରାଭଟା, ଖାସବାହାଲ ଗ୍ରାମଠାରେ ପ୍ରଧାନମନ୍ତ୍ରୀ କୃଷି ସିଁଚାଇ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ଚାଷୀଙ୍କ ଜମିରେ ପୋଖରୀ (ଚହଲା) ନିର୍ମାଣ ହେଉଛି। ସମସ୍ତ ଚହଲା ନିର୍ମାଣରେ ଶ୍ରମିକ ବଦଳରେ ମେଶିନରେ ହେଉଛି। ଫଳରେ ସ୍ଥାନୀୟ ଲୋକ, କାମ ନ ପାଇ ରାଜ୍ୟ ବାହାରକୁ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଶ୍ରମିକ ରୋଜଗାର ପାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପଚାରିବାରୁ ସେ ଓଲଟି କହିଲେ ଯେ ଏହା ଏମ୍‌ଜିଏନ୍‌ଆରଇଜିଏସ୍ କାମ ନୁହେଁ ଯେ ଶ୍ରମିକ ଏହି କାମ କରିବ ବୋଲି କହିଥିଲେ। ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ଆରମ୍ଭ ୭ ଦିନ ପୂର୍ବରୁ ଲୋକଙ୍କୁ ସୂଚିତ କରିବା କଥା। ଏହାଦ୍ୱାରା କାର୍ଯ୍ୟ ଆବଶ୍ୟକ କରୁଥିବା ଲୋକେ କାମ ପାଇଁ ସମ୍ପୃକ୍ତ ବିଭାଗ ବା ଅଧିକାରୀଙ୍କୁ ଯୋଗାଯୋଗ କରି ପାରିବେ। ମାତ୍ର ଏହି କାମ ଆରମ୍ଭ ପୂର୍ବରୁ ଏପରି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହା ସରକାରୀ ନିୟମ ଖୋଲାଖୋଲି ଉଲ୍ଲଂଘନ ଅଟେ। ମେଶିନରେ ଚାଲି ଥିବା କାର୍ଯ୍ୟ ବନ୍ଦ କରି ଲୋକଙ୍କୁ କାମ ଯୋଗାଇ ନ ଦେଲେ ଜଳବିଭଜିକା କାର୍ଯ୍ୟାଳୟ ଘେରାଉ କରିବ ବୋଲି ଦଳିତ ରାଜ୍ୟ ସଭାପତି ତାଣ୍ଡିଙ୍କ ସମେତ ସିନାପାଲି ବ୍ଲକ ସଭାପତି ପଦ୍ମନାଭ ଜଗତ, ବୋଡ଼େନ ବ୍ଲକ ସଭାପତି ଲିଙ୍ଗରାଜ ଜାଲ ଓ ସୁବାଷ ବଘେଲ ପ୍ରମୁଖ ଏପିଡିଙ୍କୁ ଲିଖିତ ଭାବେ ଜଣାଇଚନ୍ତି।

# କବି ଓ କବିତାର ଅପୂର୍ବ ସଙ୍ଗମ



କବି ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଜିଲାସ୍ତରୀୟ କବି ସମ୍ମିଳନୀ

■ ଭାଗ ନେଲେ ୨ ଶହରୁ ଊର୍ଦ୍ଧ୍ୱ କବି, କବୟିତ୍ରୀ

**ଭବାନୀପାଟଣା,୧୫।୧(ସ୍ୱ.ପ୍ର.)**

ଭବାନୀପାଟଣାରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବର ୨ୟ ଦିବସରେ ରବିବାର ସ୍ଥାନୀୟ ଟାଉନହଲଠାରେ ଜିଲାସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ କବି ପ୍ରଦୀପ କୁମାର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସଚିନ ପାୱାର, ବିଶିଷ୍ଟ କବି ଓ ଲେଖକ ପ୍ରତାପ କିଶୋର ମୁଣ୍ଡ, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ସୁନୀତି ମୁଣ୍ଡ, ସତ୍ୟ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରତାପ କିଶୋର ମୁଣ୍ଡଙ୍କୁ ତାଙ୍କ ଜୀବନ ବ୍ୟାପି ସାଧନାକୁ ସମ୍ମାନ ଜଣାଇ ମାଟିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ସମ୍ମିଳନୀ ଉପସମିତି ନୋଡ଼ାଲ ଅଫିସର ତଥା ପିଏଆଇଟିଡିଏ ବିରଞ୍ଚି ନାରାୟଣ ଦରୱାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାପତି ଡ. ତପନ ରଥ, ଉପସଭାପତି ସନ୍ତୋଷ ରଥ, ଆବାହକ ସତ୍ୟ ନାରାୟଣ ମୁଣ୍ଡଛିନା, ସଭ୍ୟ ବିଶ୍ୱରଞ୍ଜନ ପଣ୍ଡା, ଜୟଦ୍ରଥ ସୁନା, ଯାଦବେନ୍ଦ୍ର ସାହା, ସୁଧୀର ଧଙ୍ଗଡ଼ାମାଝି, ଡିଲେଶ୍ୱର ରଣା, କଳ୍ପନା ରଥ, ସୁମତୀ ମୁଣ୍ଡ, ଲିପ୍ସାମୟୀ ଦୁବେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କବି ଅର୍ଜ୍ଜୁନ ଗୋପାଳ, ପ୍ରଶାନ୍ତ ଦାଶ, ପୁଣ୍ୟଦୀପା ଖମାରୀ, କାଜଲ ମହାରଣା, ଆଶୁତୋଷ ପୁରୋହିତ, ଚିନ୍ମୟ ପଣ୍ଡାଙ୍କ ସଂଯୋଜନାରେ ୨ଶହରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ବିଶ୍ୱରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଜୁନାଗଡ଼ରେ କଳାହାଣ୍ଡି ବିକାଶ ପରିଷଦର କ୍ରାନ୍ତି ଶୋଭାଯାତ୍ରା

**ଜୁନାଗଡ଼,୧୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ କ୍ରାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଯାଇଛି। ସ୍ଥାନୀୟ ଲଙ୍କେଶ୍ୱରୀ ମନ୍ଦିରଠାରୁ ବ୍ଲକ ଅଫିସ ପର୍ଯ୍ୟନ୍ତ କ୍ରାନ୍ତିଯାତ୍ରା ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ବିକାଶ ପରିଷଦ ଅଧ୍ୟକ୍ଷା ଡା ସୁନୀତି ମୁଣ୍ଡଙ୍କ ନେତୃତ୍ୱରେ କ୍ରାନ୍ତିଯାତ୍ରାରେ ବିରଞ୍ଚିପଣ୍ଡା, ବେଦ ପ୍ରକାଶ ଗୋୟେଲ, ପ୍ରବୀଣ ଗୋଏଲ, ପ୍ରମୋଦ ବେହେରା, କୈଳାସ ଖେମକା, ଦୀପ୍ତି ଲୋଚନ ମୁଣ୍ଡ, ହେମନ୍ତ ପଣ୍ଡା, ଶିଶିର ପଟ୍ଟନାୟକ, ଉପେନ୍ଦ୍ର ପୂଝାରୀ, ପ୍ରମୋଦ ବଣିଆ, ଶଶାଙ୍କ ଦାସ, ବବିତା ବାଗ, ଯୋଶବନ୍ତି ଧଙ୍ଗଡ଼ାମାଝି, ଦିଲୀପ ଧଙ୍ଗଡ଼ାମାଝି, କୈଳାଶ ଚନ୍ଦ୍ର ଅଗ୍ରୱାଲ, ଚନ୍ଦନ ପାତ୍ର, ପଦ୍ମା ଶବର ପ୍ରମୁଖ ସାମିଲ ହୋଇ ଥିଲେ। କଳାହାଣ୍ଡି ଓ ନୂଆପଡା ଜିଲାର ୧୮ଟି ବ୍ଲକର ଜନସାଧାରଣଙ୍କୁ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ପ୍ରତି ସଚେତନ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଡ. ମୁଣ୍ଡ ଆହ୍ୱାନ ଦେଇଥିଲେ। ଏହି ଯାତ୍ରା ଆସନ୍ତା ୨୩ ତାରିଖରେ ଉଦ୍‌ଯାପିତ ହେବ ବୋଲି ବିକାଶ ପରିଷଦ ପକ୍ଷରୁ ସୁଚନା ମିଳିଛି।




ଜୁନାଗଡ଼ରେ ଅନୁଷ୍ଠିତ କ୍ରାନ୍ତିଶୋଭା ଯାତ୍ରା।

# ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

## ଅରବିନ୍ଦ, ବିକ୍ରାନ୍ତ, ସ୍ୱାଧୀନ, ଗୀତାଶ୍ରୀ, ଶୃତି ଓ ଅଂଶିକା ତୃତୀୟ ରାଉଣ୍ଡକୁ ଉନ୍ନୀତ

**ବଲାଙ୍ଗୀର ଅଫିସ,୧୫।୧**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ବ୍ୟାଡମିଣ୍ଟନ ଇନ୍‌ଡୋର ଷ୍ଟାଡିୟମରେ ରବିବାର ରାଜ୍ୟ ସିନିୟର ଚାମ୍ପୟନଶିପ ଆରମ୍ଭ ହୋଇଛି। ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଲମ୍ବୋଧର ଧରୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସାରା ରାଜ୍ୟରୁ ୨୪ ଜଣ ମହିଳା ଖେଳାଳି ଏବଂ ୧୦୭ ଜଣ ପୁରୁଷ ଖେଳାଳି ଏଥିରେ ଭାଗ ନେଇଛନ୍ତି। ପ୍ରଥମ ଦିନରେ ଉଭୟ ବର୍ଗରେ ୮୪ଟି ମ୍ୟାଚର ବ୍ୟବସ୍ଥା ରହିଛି। ଖବର ଲେଖାଯିବା ଯାଏ ୭୦ଟି ମ୍ୟାଚ ଓ ଦୁଇ ରାଉଣ୍ଡ ସମାପ୍ତ ହୋଇସାରିଛି। ଅରବିନ୍ଦ, ବିକ୍ରାନ୍ତ, ସ୍ୱାଧୀନ, ସୁମନ୍ତ ଗୀତାଶ୍ରୀ, ଶୃତି ଓ ଅଂଶିକା ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ଖେଳ ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ଧରୁଆ ଜିଲା ପ୍ରଶାସନ ଜିଲାରେ ଖେଳ ଓ ଖେଳାଳୀଙ୍କ ଉନ୍ନତି ପାଇଁ ସଦା ତତ୍ପର ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ ଉଭୟ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଅତ୍ୟାଧୁନିକ ଇଣ୍ଡୋର ଷ୍ଟାଡିୟମରେ ଖେଳାଳିମାନେ ଉନ୍ନତ ଖେଳ ପ୍ରଦର୍ଶନ କରନ୍ତୁ ବୋଲି କହିଥିଲେ। ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବ୍ୟାଡମିଣ୍ଟନ ସଂଘ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପସଭାପତି ଘନଶ୍ୟାମ ମିଶ୍ର, ଭେନ୍ୟୁ ଇନଚାର୍ଜ ଅନନ୍ତ ବେହେରା, ଏକମୋଡେସନ ଇନଚାର୍ଜ ମାନସ ମହାନ୍ତି, ଫୁଡ ଇନଚାର୍ଜ ସୁଶାନ୍ତ ଚୋପଦାର, ବାସୁଦେବ ବେହେରା, ସୁଧିର ପଣ୍ଡା, କୋଅଡିନେଟର ସୁରେନ୍ଦ୍ର ନେପାଲ, ଆଦିତ୍ୟ ଅଗ୍ରୱାଲ ଉପସ୍ଥିତ ଥିଲେ । ପ୍ରଥମ ଦିନ କେବଳ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଛି। ପୁରୁଷ ବର୍ଗରେ ଅରବିନ୍ଦ, ବିକ୍ରାନ୍ତ, ଅମ୍ରିତ, ଅଭିଜିତ, ଆରୟା, ସ୍ୱାଧୀନ, ସୁମନ୍ତ, ପାରସ,ଅନିର୍ବାନ ଓ ଆୟୁଷ ନିଜ ମ୍ୟାଚ ଜିତି ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ମହିଳା ବର୍ଗରେ ଗୀତାଶ୍ରୀ, ଶୃତି, ଅଂଶିକା, ହର୍ଷିତା, ସ୍ୱାଗତିକା ଓ ବର୍ଷା ବିଜୟୀ ହୋଇଛନ୍ତି। ଚିଫ ରେଫରି ତଥା ମ୍ୟାଚ କଣ୍ଟ୍ରୋଲର ବିଜୟ ବାଗ, ଜୟନ୍ତ ମିଶ୍ର ଡେପୁଟି ରେଫରି, ସୁନିଲ ବେହେରା, ହେମନ୍ତ ପ୍ରଧାନ, ଆଶିଷ ଉପାଧ୍ୟାୟ, ରାଜକିଶୋର ଶତପଥୀ, ଚନ୍ଦ୍ରଶେଖର ମିଶ୍ର, ସିଦ୍ଧାର୍ଥ ମିଶ୍ର, ସୌରଭ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ।



ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପୟନଶିପକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer
Chheligada Head Works Division
At/PO: Mahendragada, Via: Chandragiri,
Dist: Gajapati, Odisha, PIN-761017
e-mail: eechwd@gmail.com
No.A-1017: No.38, Dated 9.1.23

1st corrigendum to e-procurement Notice
No. SE-CHWD-05/2022-23.

(i) The date and time of availability of bid documents in the portal may be read as 17.01.2023 to 30.01.2023 up to 5.00 PM in place of 10.01.2023 to 23.01.2023 up to 5.00 PM.
(ii) Last date / time for receipt of bids in the portal may be read as 30.01.2023 up to 5.00 PM in place of 23.01.2023 up to 5.00 PM.
(iii) Date of opening of bid may be read as 01.02.2023 at 11.30 AM in place of 24.01.2023 at 11.30 AM.
(iv) A transparent lottery system on 31.01.2023 at 11.30 AM may be read as 03.02.2023 at 11.30 AM.
(v) Further clarification of bid may be read as 17.01.2023 to 24.01.2023 in place of 10.01.2023 to 17.01.2023 during office hours.
(vi) All other terms & conditions remained unaltered.

Sd./- Superintending Engineer
Chheligada Head Works Division
Mahendragada (Gajapati)
OIPR-32109/11/0011/2223

# ରାଉରକେଲାରେ ଆରମ୍ଭ ହେଲା ସରସ ମେଳା

- ୨୫୦ ଷ୍ଟଲ, ୨୭ ତାରିଖ ଯାଏ ଚାଲିବ ମେଳା
- ହକି ପାଭିଲିୟନ, ଫୁଡ୍‌କୋର୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରମୁଖ ଆକର୍ଷଣ

ରାଉରକେଲା ଅଫିସ, ୧୫।୧

ହକି ବିଶ୍ୱକପ୍ ଅବସରରେ ରାଉରକେଲା ସହରରେ ଆରମ୍ଭ ହୋଇଛି ସରସ ମେଳା। ରବିବାର ସନ୍ଧ୍ୟାରେ ଏହି ମେଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଭଞ୍ଜ ଭବନ ପଡିଆରେ ଆୟୋଜିତ ଏହି ମେଳା ଆସନ୍ତା ୨୭ ତାରିଖ ଯାଏ ଚାଲିବ। ରାଉରକେଲା ସହରରେ ପ୍ରଥମ ଥର ପାଇଁ ଏହି ମେଳା ଆୟୋଜନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତା ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି। ସରସ ମେଳା ବୁଲିବାକୁ ଆସି ମିଶନ ଶକ୍ତି ମା'ମାନେ ବିକ୍ରି କରୁଥିବା ଉତ୍ପାଦକୁ କିଣିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅପିଲ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ବିଧାୟିକା କୁସୁମ ଟେଟେ, ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ସୁଶିଳା ଟପ୍ପୋ, ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ସତ୍ୟବାନ ମହାଜନ, ଓର୍‌ମାସ୍ ଡେପୁଟି ସିଇଓ କେଶବ ଝା ପ୍ରମୁଖ ଯୋଗ ଦେଇଥିଲେ।

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓର୍‌ମାସ୍ ଏବଂ ସୁନ୍ଦରଗଡ଼ ଜିଲା ପ୍ରଶାସନର ମିଳିତ ସହଯୋଗରେ ଏହି ମେଳା ଆୟୋଜନ କରାଯାଉଛି। ସରସ ମେଳାରେ ମୋଟ ୨୫୦ଟି ଷ୍ଟଲ ପଡିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ସହ ବିକ୍ରି କରୁଛନ୍ତି। ସୁନ୍ଦରଗଡ଼ ସମେତ ବିଭିନ୍ନ ଜିଲାର ଏସ୍‌ଏଚ୍‌ଜି ସେମାନଙ୍କ ପ୍ରସ୍ତୁତ ଟେରାକୋଟା ସାମଗ୍ରୀ, ଢୋକ୍ରା କାଷ୍ଟିଂ, ହସ୍ତତନ୍ତ ସହିତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଏଠାରେ ବିକ୍ରି କରୁଛନ୍ତି। ସେହିପରି ଉତ୍ତରପ୍ରଦେଶ, ଆସାମ, ତ୍ରିପୁରା, ମଣିପୁର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ ଓ କଶ୍ମୀର, ପଶ୍ଚିମବଙ୍ଗ, ମଣିପୁର, ଆନ୍ଧ୍ରପ୍ରଦେଶ ଓ କେରଳର ପ୍ରସିଦ୍ଧ ସାମଗ୍ରୀ ଏହି ମେଳାର ମୁଖ୍ୟ ଆକର୍ଷଣ ପାଲଟିଛି। ମେଳାରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ରାଜ୍ୟ ତଥା ରାଜ୍ୟ ବାହାରର ପ୍ରସିଦ୍ଧ କଳାକାରମାନେ ଏଥିରେ ସାମିଲ ହେବେ। ସାଧାରଣ ଲୋକଙ୍କ ପାଇଁ ମେଳା ପରିସରରେ ସେଲ୍‌ଫି ପଏଣ୍ଟ ଏବଂ ପିଲାମାନଙ୍କ ପାଇଁ ହକି ପାଭିଲିୟନ କରାଯାଇଛି। ସ୍ୱତନ୍ତ୍ର ଫୁଡ୍ କୋର୍ଟ ମେଳାର ଅନ୍ୟତମ ଆକର୍ଷଣ ପାଲଟିଛି। ଏହି ଅବସରରେ ହକି ବିଶ୍ୱକପ୍ ଟ୍ରଫି ସରସ ମେଳା ପରିସରରେ ପହଞ୍ଚିବା ପରେ ସେଠାରେ ଟ୍ରଫିକୁ ସ୍ୱାଗତ କରାଯାଇଥିଲା।


ସରସ ମେଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହକି ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ କରାଯାଉଛି।



ଗ୍ରାହକମାନେ ଷ୍ଟଲରେ କିଣାକିଣି କରୁଛନ୍ତି।

## ସଂକ୍ଷେପରେ

### ବଢୁଛି ଚୋରି, ଚିନ୍ତାରେ ଲୋକେ

ଲୋଇସିଂହା,୧୫।୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କରକଟିଆ ଛକ ନିକଟରେ ଥିବା ଏକ ଗଭୀର ନଳକୂପର ମୋଟର ଗତରାତିରେ ଚୋରି ହୋଇଯାଇଛି। ଏ ନେଇ ମନସାପାଲି ଗ୍ରାମବାସୀ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ସମ୍ପୃକ୍ତ ଅଞ୍ଚଳର ରାସ୍ତାଘାଟରେ ଲାଗି ଥିବା ଲୁହା ସୂଚନା ଫଳକ, ବିଦ୍ୟୁତ୍ ଖୁଣ୍ଟ ନିୟମିତ ଭାବେ ଚୋରି ହୋଇ ଆସୁଛି। ଚୋରି ସମ୍ବନ୍ଧେ ସ୍ଥାନୀୟ ପୋଲିସ ଦୃଷ୍ଟି ଆକର୍ଷଣ କରାଯାଉଛି। ହେଲେ ଚୋରଙ୍କୁ ଧରିବାରେ ପୋଲିସ ବିଫଳ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କରକଟିଆ ଛକ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷେ ଗଭୀର ନଳକୂପ ମୋଟର ଚୋରି ହୋଇ ଯାଇଥିବାରୁ ଆଗକୁ ମନସାପାଲି ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି।

### ହରିଶଙ୍କରର ଉନ୍ନତିମୂଳକ କାମ ସମ୍ପର୍କରେ ଅବଗତ କର

ଖପ୍ରାଖୋଲ,୧୫।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଥିବା ପର୍ଯ୍ୟଟନସ୍ଥଳୀ ହରିଶଙ୍କରର ଉନ୍ନତିମୂଳକ କାମ ଚାଲିଛି। ହେଲେ ଏ ସମ୍ପର୍କରେ ସର୍ବସାଧାରଣ ଜାଣି ପାରୁନାହାନ୍ତି। ଏଣୁ ମଡେଲ ପ୍ଲାନ ସମ୍ପର୍କରେ ଅବଗତ କରାଇବାକୁ ହରିଶଙ୍କର ବିକାଶ ମଞ୍ଚ ଦାବି କରିଛି। ଶନିବାର ଏକ ଖବରଦାତା ସମ୍ମିଳନୀ କରି ହରିଶଙ୍କର ବିକାଶ ମଞ୍ଚ ସଭାପତି ଡିଙ୍ଗର କୁମ୍ଭାର କହିଛନ୍ତି ଯେ, ହରିଶଙ୍କର କ୍ଷେତ୍ରର ଆଶାନୁରୂପକ ଉନ୍ନତି ହେଉନାହିଁ। ପାନୀୟ ଜଳ, ପରିମଳ, ଗମନାଗମନ, ଝରଣାର ସୌନ୍ଦର୍ଯ୍ୟକରଣ, ହରିଶଙ୍କରରୁ ନୃସିଂନାଥକୁ ପାହାଡ଼ ରାସ୍ତା ସଫେଇ, ଦୋକାନୀଙ୍କୁ ଥଇଥାନ ଆଦି ୨୧ଟି ଦାବି ସେ ଉପସ୍ଥାପନ କରିଥିଲେ। ଏହି ଅବସରରେ ପଞ୍ଚମ ପ୍ରଧାନ, ଡ ଜନସନ ନାଗ, ଶାନ୍ତନୁ ବୁଢ଼ିଆ, ଅଭିଳାଷ ଭୋଇ, ସୁବାସ ଆଚାର୍ଯ୍ୟ, ଟେକେନ୍ଦ୍ର ଜାଲ, ସୁଶୀଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତ ହାଇସ୍କୁଲ ବାର୍ଷିକ କ୍ରୀଡା

ଟିଟିଲାଗଡ,୧୫।୧ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ନାରେନ ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ସରପଞ୍ଚ ଯମୁନା ମହାନନ୍ଦ, ସମ୍ମାନୀତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ସଭାପତି ତପବନ୍ତ ପୁଟେଲ ଯୋଗ ଦେଇଥିଲେ। ପ୍ରଥମେ ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ସାହୁଙ୍କ ନେତୃତ୍ୱରେ ଏକ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହାପରେ ପିଲାମାନେ ସେହି ମଶାଲକୁ ବିଦ୍ୟାଳୟ ଖେଳ ପଡିଆକୁ ଆଣିଥିଲେ। ଏଡି ଉପଲକ୍ଷେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ସାହୁ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ କ୍ରୀଡ଼ା କ୍ଷେତ୍ରରେ ନିଜ ପ୍ରତିଭାକୁ ଜିଲା ଓ ରାଜ୍ୟସ୍ତରରେ ପ୍ରଦର୍ଶିତ କରିବାକୁ ଆହାନ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ବନମାଳି ସ୍ୱାଇଁ ଓ ଘୋଡାର ହାଇସ୍କୁଲ କ୍ରୀଡା ଶିକ୍ଷକ ମକରଧଜ ରଣାଙ୍କ ନେତୃତ୍ୱରେ ୧୦୦ ମିଟର ଦୌଡ, ୨ଶତ ମିଟର ଦୌଡ, ୧୦୦ ମିଟର ରିଲେ ଦୌଡ, ଗୋଲା ଫିଙ୍ଗା, ଥାଳିଆ ଫିଙ୍ଗା, ଲମ୍ବଡିଆ, ଉଚ୍ଚଡିଆ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଧରଣୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସେବାଶ୍ରମ ଶିଶୁଙ୍କୁ ପାଠ୍ୟୋପକରଣ ବଣ୍ଟନ



ସେବାଶ୍ରମରେ ଶିଶୁମାନଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଉଛି।

ହେମଗିର,୧୫।୧(ଡି.ଏନ.ଏ.)

ଏମ୍‌ସିଏଲ୍ ଚେତନା ମହିମା ମଣ୍ଡଳ ତରଫରୁ ସୁନ୍ଦରଗଡ ଜିଲା ହେମଗିର ସ୍ଥିତ ଏକଲବ୍ୟ ସେବାଶ୍ରମରେ ଶନିବାର ଶିଶୁମାନଙ୍କୁ ଖାତା, ପେନ, ଫଳ ସହିତ ନିତ୍ୟ ବ୍ୟବହାର ସାମଗ୍ରୀ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ର ଜିଏମ୍ ପି. ବି. ରେଡ୍ଡୀ ଯୋଗଦେଇ ଆଶ୍ରମର ନିଃଶ୍ୱାର୍ଥପର ସେବାକୁ ପ୍ରସଂଶା କରିବା ସହିତ ଶିଶୁମାନଙ୍କୁ ଆଗାମୀ ଦିନରେ ପାଠ ପଢି ଦେଶର ପ୍ରଗତିରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଏମ୍ (ଅପରେଶନ) ଆର. କେ. ଜୈନ, ପିଓ କୁଲଡା ଏମ୍. ଆର. ଦାସ, ଏରିଆ ସେଫ୍‌ଟି ଅଫିସର ଏ. ସେନ, ଏସ୍‌ଓ ଏଲ୍. କେ. ଝା, ମ୍ୟାନେଜର ବି.କେ. ବିଶ୍ୱାଳ, ସେଫ୍‌ଟି ଅଫିସର ସୁରଜିତ ସାମଲ, ହେମଗିର ଥାନାଧିକାରୀ ରମାକାନ୍ତ ସାଏ, ବିଜେଡି ଉପ ସଭାପତି ସୁକାନ୍ତ ପତି, ଜିଲା ପରିଷଦ ସଦସ୍ୟା ମହିମା ସେଠ ତଥା ଆଶ୍ରମର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ରମିକ ବଦଳରେ ମେଶିନ କରୁଛି କାମ

## ପିଡିଙ୍କୁ ଦାବିପତ୍ର

ଖଡ଼ିଆଳ,୧୫।୧(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ କୃଷି ସିଁଚାଇ ଯୋଜନା ଅନ୍ତର୍ଗତ ଚହଲା ନିର୍ମାଣ କାର୍ଯ୍ୟରେ ଶ୍ରମିକ ବଦଳରେ ମେଶିନରେ କାମ ହେଉଥିବା ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଜଳ ବିଭାଜିକା ପ୍ରକଳ୍ପ ଖଡ଼ିଆଳ ପକ୍ଷରୁ ପଲମା, ଚଚରାଭଟା, ଖାସବାହାଲ ଗ୍ରାମଠାରେ ପ୍ରଧାନମନ୍ତ୍ରୀ କୃଷି ସିଁଚାଇ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ଚାଷୀଙ୍କ ଜମିରେ ପୋଖରୀ (ଚହଲା) ନିର୍ମାଣ ହେଉଛି। ସମସ୍ତ ଚହଲା ନିର୍ମାଣରେ ଶ୍ରମିକ ବଦଳରେ ମେଶିନରେ ହେଉଛି। ଫଳରେ ସ୍ଥାନୀୟ ଲୋକ, କାମ ନ ପାଇ ରାଜ୍ୟ ବାହାରକୁ ଦାଦନ ଯିବାକୁ ବାଧ ହେଉଛନ୍ତି। ଫଳରେ ଶ୍ରମିକ ରୋଜଗାର ପାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପଚାରିବାରୁ ସେ ଓଲଟି କହିଲେ ଯେ ଏହା ଏମ୍‌ଜିଏନ୍‌ଆରଇଜିଏସ୍ କାମ ନୁହେଁ ଯେ ଶ୍ରମିକ ଏହି କାମ କରିବ ବୋଲି କହିଥିଲେ। ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ଆରମ୍ଭ ୭ ଦିନ ପୂର୍ବରୁ ଲୋକଙ୍କୁ ସୂଚିତ କରିବା କଥା। ଏହାଦ୍ୱାରା କାର୍ଯ୍ୟ ଆବଶ୍ୟକ କରୁଥିବା ଲୋକେ କାମ ପାଇଁ ସମ୍ପୃକ୍ତ ବିଭାଗ ବା ଅଧିକାରୀଙ୍କୁ ଯୋଗାଯୋଗ କରି ପାରିବେ। ମାତ୍ର ଏହି କାମ ଆରମ୍ଭ ପୂର୍ବରୁ ଏପରି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହା ସରକାରୀ ନିୟମ ଖୋଲାଖୋଲି ଉଲ୍ଲଂଘନ ଅଟେ। ମେଶିନରେ ଚାଲି ଥିବା କାର୍ଯ୍ୟ ବନ୍ଦ କରି ଲୋକଙ୍କୁ କାମ ଯୋଗାଇ ନ ଦେଲେ ଜଳବିଭଜିକା କାର୍ଯ୍ୟାଳୟ ଘେରାଉ କରିବ ବୋଲି ଦଳିତ ରାଜ୍ୟ ସଭାପତି ତାଣ୍ଡିଙ୍କ ସମେତ ସିନାପାଲି ବ୍ଲକ ସଭାପତି ପଦ୍ମନାଭ ଜଗତ, ବୋଡ଼େନ ବ୍ଲକ ସଭାପତି ଲିଙ୍ଗରାଜ ଜାଲ ଓ ସୁବାଷ ବଘେଲ ପ୍ରମୁଖ ଏପିଡିଙ୍କୁ ଲିଖିତ ଭାବେ ଜଣାଇଚନ୍ତି।

# ଓଡ଼ିଶାର ଲୋକସଂସ୍କୃତି, ପରମ୍ପରା ଆଲୋଚନାଚକ୍ର

ସମ୍ବଲପୁର,୧୫।୧(ବ୍ୟୁରୋ)

ସମ୍ବଲପୁରର ସେତୁ ଅନୁଷ୍ଠାନର ରଜତ ଜୟନ୍ତୀ ବର୍ଷ ପାଳନ ଅବସରରେ ରବିବାର ଓଡିଶା ଲୋକସଂସ୍କୃତି ଗବେଷଣା ପରିଷଦ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ପକ୍ଷରୁ ଓଡିଶାର ଲୋକସଂସ୍କୃତି ଓ ପରମ୍ପରା ବିଷୟକୁ ନେଇ ଏକ ଆଲୋଚନାଚକ୍ର ହୋଇଛି। ସେତୁ ସଭାପତି ଡ. ମୀନକେତନ ପାଠୀ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର କାମଦେବ ସାହୁ କହିଥିଲେ ଯେ, ପରମ୍ପରା ଶରୀର ହେଲେ ସଂସ୍କୃତି ତାର ଆତ୍ମା। ସଂସ୍କୃତି ସଂରକ୍ଷଣର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସୌଜନ୍ୟ ଅନୁଷ୍ଠାନ ଏନଏଲ୍‌ସିର ଚିଫ୍ ଜେନେରାଲ ମ୍ୟାନେଜର ଏନ୍.ଫ୍ରାଙ୍କଲିନ ଜୟକୁମାର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ,ସଂସ୍କୃତିର ବିକାଶରେ ରାଷ୍ଟ୍ରର ବିକାଶ ବୋଲି କହିଥିଲେ। ସେହିପରି ପ୍ରଫେସର ଗୌରାଙ୍ଗ ଚରଣ ଦାସ, ପୂର୍ବତନ କୁଳପତି ବ୍ୟୋମକେଶ ତ୍ରିପାଠୀ ଲୋକ ସଂସ୍କୃତିକୁ ସଂରକ୍ଷଣ କରିବାକୁ ହେଲେ ଲୋକକଳା, ଲୋକସଂସ୍କୃତି କିପରି ପରବର୍ତ୍ତୀ ପିଢିକୁ ସଂଚରଣ ହୋଇ ପାରିବ ସେଥିପାଇଁ ଆମକୁ ଯତ୍ନଶୀଳ ହେବାକୁ ପଡିବ ବୋଲି କହିଥିଲେ। ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ। ଡ. ନିମାଇଁ ଚରଣ ପଣ୍ଡା, ଓଡିଆ ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ବେହେରା,ପ୍ରଫେସର ସନ୍ତୋଷ କୁମାର ରଥ, ଡ.କାଳୀଦାସ ମିଶ୍ର, ଗିରିଧାରୀ ହୋତା, ଡ.ପ୍ରସନ୍ନ ମିଶ୍ର, ଡ.ସୁଧୀର ମିଶ୍ର, ପଦ୍ମାଳୟା ପଣ୍ଡା ପ୍ରମୁଖ ପ୍ରଶ୍ନୋତ୍ତରରେ ଭାଗ ନେଇଥିଲେ। ଡ. ସ୍ୱୟଂପ୍ରକାଶ ପଣ୍ଡା, ରୀତାରାଣୀ ମିଶ୍ର କାର୍ଯ୍ୟକ୍ରମର ବିବରଣୀ ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେ। ଶେଷରେ ସେତୁ ସମ୍ପାଦକ ସୁକାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ସେତୁ ଅନୁଷ୍ଠାନର ଆଲୋଚନାଚକ୍ରରେ ଆଲୋଚକମାନେ ।

# ସୁରକ୍ଷା ବଦଳରେ ଅସୁରକ୍ଷିତ ଯାତ୍ରୀ

## ପ୍ରଶାସନର ମନମୁଖୀ ଶାସନର ଏକ ନମୁନା

ସମ୍ବଲପୁର,୧୫।୧(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଛକରେ ଜିଲା ପୋଲିସର ଅନୁମୋଦନ କ୍ରମେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତାରେ କଂକ୍ରିଟ ଡିଭାଇଡର କରାଯିବା ଯୋଗୁ ଛକ ଦେଇ ଯିବା ଆସିବା ବନ୍ଦ ହୋଇଯାଇଛି। ପ୍ରଶାସନର ଏହି ମନମୁଖୀ କାମ ପାଇଁ ସବୁ ମହଲରେ ନିନ୍ଦା କରାଯାଉଛି। ଦୁର୍ଘଟଣା ରୋକିବାକୁ ଏଭଳି କରିଥିବା ସ୍ୱଷ୍ଟୀକରଣ ଦିଆଯାଉଛି। ହେଲେ ସୁରକ୍ଷା ବଦଳରେ ଏବେ ଅସୁରକ୍ଷିତ ହୋଇ ପଡିଛନ୍ତି ଯାତ୍ରୀ। କାରଣ ଡିଭାଇଡରକୁ ଡେଇଁ ବାଇକଗୁଡିକ ରାସ୍ତା ପାର ହେଉଛନ୍ତି। ତେଣୁ ଦୁର୍ଘଟଣା ବଢିବା ପାଇଁ ଫାଶ କରାଯାଇଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଅଇଁଠାପାଲି ଛକରେ ପୋଲିସ ଓ ପ୍ରଶାସନ ଟ୍ରାଫିକ ସମସ୍ୟାର ସମାଧାନ କରି ପାରିଲା ନାହିଁ। ମୂଳୁ ମାଇଲେ ଯିବ ସରି ଭଳିଆ ନିଜ ଅବହେଳାକୁ ଲୁଚାଇବାକୁ ଯାଇ କଂକ୍ରିଟ କରି ଦେଇ ରାସ୍ତାକୁ ବନ୍ଦ କରି ଦେଇଛି। ଫଳରେ କାଇଁଶିର ଓ ରାସ୍ତା ଅପରପାର୍ଶ୍ୱରେ ଥିବା ଶତାଧିକ ଗ୍ରାମ, ପର୍ଯ୍ୟଟନ ସ୍ଥଳ, ଇକୋ ରିଟ୍ରିଟ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡକୁ ଯିବା ଆସିବାରେ ସମସ୍ୟା ହେଉଛି। ଆର ପାର୍ଶ୍ୱକୁ ଗଲେ କେଉଁଠି ୩ କିମିରୁ ତ କେଉଁଠି ୫ କିମି ଦୂର ବରେଇପାଲି ଛକରେ ଥିବା କ୍ରସିଂକୁ ଡେଇଁ ଯିବାକୁ ପଡୁଛି। ପ୍ରତିଦିନି ଲୋକମାନେ ହଇରାଣ ହରକତ ହେଉଛନ୍ତି। ସାଇକେଲ ଆରୋହୀଠାରୁ ଅରମ୍ଭ କରି ଚାରିଚକିଆ ଯାନବାହାନ, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡିକୁ ମଧ୍ୟ ସମସ୍ୟା ହେବ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏହି ଛକରେ କିଛି ମାସ ବ୍ୟବଧାନରେ ୨ ଜଣ ଛାତ୍ରୀଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏହାସହ ପ୍ରାୟ ସମୟରେ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ରୋକିବାକୁ ପ୍ରଶାସନ ଏଭଳି ନିଷ୍ପତ୍ତି ଦେଇଥିବା ଆଲୋଚନା ହେଉଛି। ହେଲେ ଟ୍ରାଫିକ ପୋଲିସ ନିୟୋଜିତ କରିବା, ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ଅତ୍ୟାଧୁନିକ ଲାଇଟ ବ୍ୟବସ୍ଥା କରି ସମସ୍ୟା ଦୂର ହୋଇ ପାରିଥାନ୍ତା। ହେଲେ ପ୍ରଶାସନ ସେ ସବୁ ନ କରି ରାସ୍ତାକୁ ପୁରା ବନ୍ଦ କରିଦେଲା। ଫଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ଏନଏଚଆଇ ପିଡି କେ.ଭେଙ୍କଟେଶ୍ୱର ରାଓ କହିଛନ୍ତି ଯେ, ଦୁର୍ଘଟଣା ବାରମ୍ବାର ହେବାରୁ ଜିଲା ପୋଲିସ ପକ୍ଷରୁ ଏଠାରେ ଡିଭାଇଡର କରିବାକୁ ଚିଠି କରାଯାଇଥିଲା। ତେଣୁ ବନ୍ଦ କରି ଦିଆଯାଇଛି। ଏହା ଅସ୍ଥାୟୀ ଭାବେ କରାଯାଇଛି। ଯଦି ବିଶେଷ ଭାବେ ସମସ୍ୟା ହେବ ପୁନଃ ବିଚାର କରାଯିବ ବୋଲି ସେ କହିଥିଲେ।

# ଜୟଦେବେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ପଡିଆବାହାଲ,୧୫।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ଝୁଜୁମୁରା ବ୍ଲକ ଜୟନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଜୟନ୍ତପୁରଠାରେ ନବ ନିର୍ମିତ ଜୟଦେବେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି । ରବିବାର ଶୋଭାଯାତ୍ରାରେ ମୁଖ୍ୟ କର୍ତ୍ତାଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ଗାଁ ପୋଖରୀରୁ ମନ୍ଦିର ଯଜ୍ଞ ମଣ୍ଡପକୁ ମନ୍ତ୍ରପୂତ କଳସ, ନାରିକେଳ ଆଣି ସ୍ଥାପନ କରିଥିଲେ । ପଣ୍ଡିତ ନରୋତ୍ତମ ଧରଙ୍କ ତତ୍ତ୍ୱାବଧାନରେ ଲଳିତ ନାଥ, ଗୋବିନ୍ଦ କର, ଉମାକାନ୍ତ ପଣ୍ଡା, ରାମେୟା ଚୌଧୁରୀ, ଅବନୀ ସାହୁ, ଅନନ୍ତ ସାହୁ, ଧରଣୀ ଷଣ୍ଢ, ଶଶୀ ମିର୍ଦ୍ଧା, ପ୍ରଫୁଲ୍ଲ ରାଉତ, ରତନ ସାହୁ, ହୃଷିକେଶ ମିର୍ଦ୍ଧାଙ୍କ ସମେତ ଶତାଧିକ ମାନସିକଧାରୀ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଯଥାରୀତି ପୂଜା ପାଠ, ଆବାହନ, ହୋମ, ଯଜ୍ଞ ଆଦି କରାଯିବା ସହ ୧୮ ତାରିଖ ଦିନ ବିଗ୍ରହ ମନ୍ଦିର ପ୍ରବେଶ କରିବେ ବୋଲି ମନ୍ଦିର କମିଟି ସୂତ୍ରରୁ ଜଣାପଡିଛି। ପଣ୍ଡୁପାଲି (ଜୟନ୍ତପୁର ) ଗ୍ରାମର ପ୍ରଦୀପ ଭୋଇ, ପରୀକ୍ଷିତ ଭୋଇ, ଅନିରୁଦ୍ଧ ଧରୁଆ,ପ୍ରତିମା ଭୋଇଙ୍କ ପ୍ରଦତ୍ତ ଜମିରେ ଏବଂ ଗ୍ରାମବାସୀ ଓ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ଦାନ ଅର୍ଥରେ ଦେବେଶ୍ୱର ମନ୍ଦିର ନିର୍ମାଣ ହୋଇଛି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା ହୋଇଛି।

# ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

## ଅରବିନ୍ଦ, ବିକ୍ରାନ୍ତ, ସ୍ୱାଧୀନ, ଗୀତାଶ୍ରୀ, ଶୃତି ଓ ଅଂଶିକା ତୃତୀୟ ରାଉଣ୍ଡକୁ ଉନ୍ନୀତ

ବଲାଙ୍ଗୀର ଅଫିସ,୧୫।୧

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ବ୍ୟାଡମିଣ୍ଟନ ଇନ୍‌ଡୋର ଷ୍ଟାଡିୟମରେ ରବିବାର ରାଜ୍ୟ ସିନିୟର ଚାମ୍ପିୟନଶିପ ଆରମ୍ଭ ହୋଇଛି। ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଲମ୍ୱୋଧର ଧରୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସାରା ରାଜ୍ୟରୁ ୨୪ ଜଣ ମହିଳା ଖେଳାଳି ଏବଂ ୧୦୭ ଜଣ ପୁରୁଷ ଖେଳାଳି ଏଥିରେ ଭାଗ ନେଇଛନ୍ତି। ପ୍ରଥମ ଦିନରେ ଉଭୟ ବର୍ଗରେ ୮୪ଟି ମ୍ୟାଚର ବ୍ୟବସ୍ଥା ରହିଛି। ଖବର ଲେଖାଯିବା ଯାଏ ୭୦ଟି ମ୍ୟାଚ ଓ ଦୁଇ ରାଉଣ୍ଡ ସମାପ୍ତ ହୋଇସାରିଛି। ଅରବିନ୍ଦ, ବିକ୍ରାନ୍ତ, ସ୍ୱାଧୀନ, ସୁମନ୍ତ ଗୀତାଶ୍ରୀ, ଶୃତି ଓ ଅଂଶିକା ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ଖେଳ ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ଧରୁଆ ଜିଲା ପ୍ରଶାସନ ଜିଲାରେ ଖେଳ ଓ ଖେଳାଳୀଙ୍କ ଉନ୍ନତି ପାଇଁ ସଦା ତତ୍ପର ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ ଉଭୟ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଅତ୍ୟାଧୁନିକ ଇଣ୍ଡୋର ଷ୍ଟାଡିୟମରେ ଖେଳାଳିମାନେ ଉନ୍ନତ ଖେଳ ପ୍ରଦର୍ଶନ କରନ୍ତୁ ବୋଲି କହିଥିଲେ। ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବ୍ୟାଡମିଣ୍ଟନ ସଂଘ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପସଭାପତି ଘନଶ୍ୟାମ ମିଶ୍ର, ଭେନ୍ୟୁ ଇନଚାର୍ଜ ଅନନ୍ତ ବେହେରା, ଏକମୋଡେସନ ଇନଚାର୍ଜ ମାନସ ମହାନ୍ତି, ଫୁଡ ଇନଚାର୍ଜ ସୁଶାନ୍ତ ଚୋପଦାର, ବାସୁଦେବ ବେହେରା, ସୁଧିର ପଣ୍ଡା, କୋଅଡିନେଟର ସୁରେନ୍ଦ୍ର ନେପାଳ, ଆଦିତ୍ୟ ଅଗ୍ରୱାଲ ଉପସ୍ଥିତ ଥିଲେ । ପ୍ରଥମ ଦିନ କେବଳ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଛି। ପୁରୁଷ ବର୍ଗରେ ଅରବିନ୍ଦ, ବିକ୍ରାନ୍ତ, ଅମ୍ରିତ, ଅଭିଜିତ, ଆରୟା, ସ୍ୱାଧୀନ, ସୁମନ୍ତ, ପାରସ,ଅନିର୍ବାନ ଓ ଆୟୁଷ ନିଜ ମ୍ୟାଚ ଜିତି ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ମହିଳା ବର୍ଗରେ ଗୀତାଶ୍ରୀ, ଶୃତି, ଅଂଶିକା, ହର୍ଷିତା, ସ୍ୱାଗତିକା ଓ ବର୍ଷା ବିଜୟୀ ହୋଇଛନ୍ତି। ଚିଫ ରେଫରି ତଥା ମ୍ୟାଚ କଣ୍ଟ୍ରୋଲର ବିଜୟ ବାଗ, ଜୟନ୍ତ ମିଶ୍ର ଡେପୁଟି ରେଫରି, ସୁନିଲ ବେହେରା, ହେମନ୍ତ ପ୍ରଧାନ, ଆଶିଷ ଉପାଧ୍ୟାୟ, ରାଜକିଶୋର ଶତପଥୀ, ଚନ୍ଦ୍ରଶେଖର ମିଶ୍ର, ସିଦ୍ଧାର୍ଥ ମିଶ୍ର, ସୌରଭ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ।


ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer
Chheligada Head Works Division
At/PO: Mahendragada, Via: Chandragiri,
Dist: Gajapati, Odisha, PIN-761017
e-mail: eechwd@gmail.com
No.A-1017: No.38, Dated 9.1.23

1st corrigendum to e-procurement Notice
No. SE-CHWD-05/2022-23.

(i) The date and time of availability of bid documents in the portal may be read as 17.01.2023 to 30.01.2023 up to 5.00 PM in place of 10.01.2023 to 23.01.2023 up to 5.00 PM.
(ii) Last date / time for receipt of bids in the portal may be read as 30.01.2023 up to 5.00 PM in place of 23.01.2023 up to 5.00 PM.
(iii) Date of opening of bid may be read as 01.02.2023 at 11.30 AM in place of 24.01.2023 at 11.30 AM.
(iv) A transparent lottery system on 31.01.2023 at 11.30 AM may be read as 03.02.2023 at 11.30 AM.
(v) Further clarification of bid may be read as 17.01.2023 to 24.01.2023 in place of 10.01.2023 to 17.01.2023 during office hours.
(vi) All other terms & conditions remained unaltered.

Sd./- Superintending Engineer
Chheligada Head Works Division
Mahendragada (Gajapati)
OIPR-32109/11/0011/2223

**ଆତ୍ମ ସୁରକ୍ଷା ତାଲିମ ଶିବିର**

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ହରଗୌରୀ ମାଧମିକ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଛାତ୍ରୀମାନଙ୍କୁ ନେଇ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍ଘାଟନ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷ ସୁବୋଧ କୁମାର ଶତପଥି, ଅଧାପକ ଲମ୍ବୋଦର ସାହୁକାର, ଅଧାପିକା ଜ୍ୟୋତିମାଳା ରାଉତ, ଅଧାପକ ପ୍ରଶନ୍ନ ବେହେରା, ପ୍ରଶିକ୍ଷିକା ବର୍ଷା ପ୍ରିୟଦର୍ଶନୀ, କାର୍ଯ୍ୟକ୍ରମ ସଂଯୋଜକ ରାଜ କିଶୋର ରଣା ପ୍ରମୁଖ ଯୋଗଦେଇ ଛାତ୍ରୀମାନେ ନିଜକୁ ନିଜେ କିପରି ସୁରକ୍ଷିତ କରିପାରିବେ ସେ ଉପରେ ମତ ପୋଷଣ କରିଥିଲେ।

# ବଞ୍ଚିବାର ରାହା ଖୋଜୁଛନ୍ତି ଆଦିବାସୀ


ଜଣେ ଲୋକ ବାଉଁଶରେ ଟୋପା କୁଲା ତିଆରି କରୁଛନ୍ତି।


ଜଣେ ଆଦିବାସୀ ଝରଣା ପାଣି ପିଉଛନ୍ତି।

- ଜଙ୍ଗଲ ଭିତରେ ନିଜ ଭାଗ୍ୟକୁ ନିଜେ ଲେଖୁଛନ୍ତି
- ନା ଅଛି ରାସ୍ତା, ନା ପାନୀୟଜଳର ସୁବିଧା
- ଆବାସ ଯୋଜନାରେ ଘର ସ୍ୱପ୍ନ

**ଭବାନୀପାଟଣା,୧୫।୧(ସ୍ୱ.ପ୍ର.)**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀମାନଙ୍କ ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରଶାସନିକ ଅଧିକାରୀଙ୍କ ନାଲିଫିତା ତଳେ ସବୁ ଯୋଜନା ଅଟକି ପଡୁଛି। ଏମାନଙ୍କ ପାଇଁ ନା ଅଛି ରାସ୍ତା, ଅବା ନା ଅଛି ପାନୀୟ ଜଳର ସୁଧା କିମ୍ବା ନା ଅାଛି ଆବାସ ଯୋଜନାରେ ପକ୍କା ଘର। ଆଦିବାସୀମାନେ ଜଙ୍ଗଲରେ ବାସବାନ୍ଧି ଜଙ୍ଗଲୀ ଜୀବଜନ୍ତୁ ଭଳି ବଞ୍ଚୁଛନ୍ତି। ନାଳ ଓ ଜଙ୍ଗଲ ରାସ୍ତା ଥିବା ଯୋଗୁ ଏହି ଗାଁକୁ କେବଳ ନିର୍ବାଚନ ସମୟରେ ଛାଡିଦେଲେ କେବେ ମଧ୍ୟ କୌଣସି ସରକାରୀ ଅଧିକାରୀ କିମ୍ବା ରାଜନେତା ଅବା ନିର୍ବାଚିତ ପ୍ରତିନିଧିମାନଙ୍କ ପାଦ ପଡେନାହିଁ। ଏମାନେ ବିକାଶର ସୂର୍ଯ୍ୟ ଦେଖି ନ ଥିବା ବେଳେ ଜଙ୍ଗଲଭିତରେ ନିଜର ଭାଗ୍ୟକୁ ନିଜେ ଲେଖୁଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଢ଼ୀଦର ପଞ୍ଚାୟତକୁ ଲାଗି ରହିଥିବା କର୍ଲାପାଟ ଅଭୟାରଣ୍ୟ ଭିତରେ ଏକ ଛୋଟ ଆଦିବାସୀ ଗାଁ ଖୁଟୁଲୁଗୁଡ଼ାରେ। ଏହି ଗାଁ ମାଓବାଦୀ ଅଞ୍ଚଳ ହୋଇଥିବା ବେଳେ ଅଗନାଅଗନି ବନସ୍ତ ମଧ୍ୟରେ ଏଠି ୯ ଆଦିବାସୀ ପରିବାରର ୫୦ରୁ ଊର୍ଦ୍ଧ୍ୱ ଲୋକ ବାସ କରିଥାନ୍ତି। ଏହି ଗାଁକୁ ଯିବାକୁ ହେଲେ ଜଙ୍ଗଲ ପାଦଚଲା ରାସ୍ତା ଓ ଅନେକ ନାଳ ପାରି ହୋଇ ଯିବାକୁ ପଡିଥାଏ। ଏହି ଆଦିବାସୀମାନେ ଏମ୍‌ଜିଏନ୍‌ଆରଇଜିଏସ୍ କିଛି ଜାଣି ନ ଥିବା ବେଳେ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ଓ ବାଉଁଶରେ ବିଭିନ୍ନ ସାମଗ୍ରୀ ଯଥା, କୁଲା, ଟୋପା, ଚିଙ୍ଗିଡି, ପାର୍ଲି ଆଦି ଜିନିଷ ତିଆରି କରି ବିକ୍ରି କରିଥାନ୍ତି। ଏମାନେ ସମସ୍ତେ ଭୂମିହୀନ ଥିବା ବେଳେ ଜଙ୍ଗଲକୁ ସଫା କରି ମୁଖ୍ୟତ କାନ୍ଦୁଲ, ଝୁଡୁଙ୍ଗ, ମାଣ୍ଡିଆ, କାଙ୍ଗୋ, କସଲା ଚାଷ କରିଥାନ୍ତି। ଏମାନଙ୍କ ପାଇଁ ଯୋଗାଣ ବ୍ୟବସ୍ଥା ନ ଥିବା ବେଳେ ପାହାଡର ଝରଣାପାଣି ପିଇ ତୃଷା ମେଣ୍ଟାଇଥାନ୍ତି। ରାସ୍ତା ନ ଥିବା ଯୋଗୁ ଆମ୍ବୁଲାନ୍ସ ଯାଇପାରେନାହିଁ। ଫଳରେ ଖଟିଆରେ ବୋହି ରୋଗୀଙ୍କୁ ୪ କି.ମି. ଆଣିଥାନ୍ତି। ବର୍ଷା ଦିନରେ ଏମାଙ୍କ ଦୁଃଖ ଦ୍ୱିଗୁଣିତ ହୋଇଥାଏ। ଏହି ଦୁର୍ଗମ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଫେଲ ମାରିଛି। ଏହି ଆଦିବାସୀ ଶିଶୁମାନେ ପ୍ରି ସ୍କୁଲ କଣ ଜାଣି ନ ଥିବା ବେଳେ ପ୍ରାଥମିକ ଶିକ୍ଷା ବହୁ ଦୂରରେ। ପ୍ରାଥମିକ ବିଦ୍ୟାଳୟର ଯିବା ପାଇଁ ପାଇଁ ଜଙ୍ଗଲ ରାସ୍ତାରେ ୫ଟି ନାଲା ପାର ହୋଇ ଯିବାକୁ ପଡିଥାଏ। କୋମଳମତି ଶିଶୁ ଯିବେ କେମିତି। କେବେ ଉଇଁବ ଏ ଅଞ୍ଚଳରେ ବିକାଶର ସୂର୍ଯ୍ୟ, କେବେ ହେବ ଏହି ନା ସରକାରୀ ଅଧିକାରୀଙ୍କ ନାଲିଫିତା ତଳେ ଏମାନଙ୍କ ଭାଗ୍ୟ ଲୁଚିକି ରହିବ ତାହା ଦେଖିବାକୁ ବାକି ରହିଲା।

## ହ୍ୟାଟ୍ରିକ ସ୍କୋର କଲା ଲାଞ୍ଜିଗଡ଼ ବେଦାନ୍ତ



ଡେପୁଟି ସିଇଓ ଜି.ଜି. ପାଲ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭବାନୀପାଟଣା,୧୫।୧(ସ୍ୱ.ପ୍ର.)**

**ଓସିଏସ୍ଆର ଫୋରମ ପୁରସ୍କାର**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ଭାରତର ଅଗ୍ରଣୀ ମେଟାର୍ଲଜିକାଲ ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଲିମିଟେଡ୍ ଓସିଏସଆର ଫୋରମ ପୁରସ୍କାରକୁ ତିନୋଟି ଶ୍ରେଣୀରେ ଲାଭ କରିଛି। ସ୍ୱାସ୍ଥ୍ୟସେବା ଓ ସ୍ୱଚ୍ଛତା, ମହିଳା ସଶକ୍ତିକରଣ, ଆଲୁମିନା ଉତ୍ପାଦନ ଓ କୋଭିଡ୍-୧୯ ସମୟରେ ଗୋଷ୍ଠୀ ବିକାଶ ପଦକ୍ଷେପ। ଯଦ୍ୱାରା ଏହାର ଆଖପାଖ ଲୋକମାନଙ୍କ ଉପରେ ଅର୍ଥନୈତିକ ଅଗ୍ରଗତି ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇଛି। କମ୍ପାନୀ ପକ୍ଷରୁ ଏହି ପୁରସ୍କାରକୁ ଆଲୁମିନା ବ୍ୟବସାୟର ଡେପୁଟି ସିଇଓ ଜି.ଜି. ପାଲ ଏହା ଗ୍ରହଣ କରିଥିଲେ। ଲାଞ୍ଜିଗଡ଼ ବେଦାନ୍ତ କାର୍ଯ୍ୟକଳାପ ମାଧ୍ୟମରେ ଏକ ଦୃଷ୍ଟାନ୍ତମୂଳକ ତଥା ସାମାଜିକ ପ୍ରଭାବ ସୃଷ୍ଟି କରିବାକୁ ଚେଷ୍ଟା କରେ। ଏହି ଉଦ୍ଦେଶ୍ୟରେ ଆମେ ମହିଳା ଓ ଶିଶୁ ବିକାଶ ଉପରେ ବିଶେଷ ଧ୍ୟାନ ପ୍ରଦାନ କରୁଛୁ। ଏହା ବ୍ୟତୀତ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, କ୍ରୀଡ଼ା ଓ କଳା ସଂସ୍କୃତି ୫ଟି ସ୍ତମ୍ଭର ବିକାଶ କରୁଛୁ। ଆମର ସହଭାଗୀ ଅଗ୍ରଗତି ଦିଗରେ ଗୋଷ୍ଠୀର ବିକାଶ ପ୍ରତି ଧ୍ୟାନ ଦେଉଛୁ ବୋଲି ଡେପୁଟି ସିଇଓ ଜି.ଜି.ପାଲ କହିଛନ୍ତି। ସେହିପରି ପ୍ରୋଜେକ୍ଟ ଆରୋଗ୍ୟ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବେଦାନ୍ତ ଲାଞ୍ଜିଗଡ଼ ସ୍ୱାସ୍ଥ୍ୟ ସେବା ଗୋଷ୍ଠୀ ବିକାଶର ଏକ ମୂଳସ୍ତମ୍ଭ ଅଟେ। ବିନା ମୂଲ୍ୟରେ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ନିକଟରେ କମ୍ପାନୀ ଉନ୍ନତ ରୋଗୀ ସେବା ପାଇଁ ଏକ ଡିଜିଟାଲ ହେଲଥ କାର୍ ପରିଚୟ ଓ ଦୋକାନର କର୍ମଚାରୀ ଓ ବ୍ୟବସାୟୀଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁବିଧା ବୃଦ୍ଧି ଲାଗି ରାଜ୍ୟ କର୍ମଚାରୀ ବୀମା ନିଗମ ସହିତ ଯୋଡି ହୋଇ ଅନେକ ପଦକ୍ଷେପ ହାତକୁ ନେଇଛି। କେବଳ ଆର୍ଥିକ ବର୍ଷ ୨୩ରେ ୯ଟି ଗ୍ରାମପଞ୍ଚାୟତରୁ ୩୩୦୦ରୁ ଅଧିକ ଲୋକ ଏହି ମେଗା ସ୍ୱାସ୍ଥ୍ୟ ଶିବିରରୁ ଉପକୃତ ହୋଇପାରିଛନ୍ତି ବୋଲି କହିଥିଲେ।

## ସଂକ୍ଷେପରେ

### ମକରମେଳା, ଷୋହଳ ପ୍ରହର ନାମଯଜ୍ଞ

**ରୁପ୍ରାରୋଡ,୧୫।୧(ଡ଼ି ଏନ ଏ):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଭୀମକେଲା ରାମେଶର ପୀଠରେ ମକର ସଂକ୍ରାନ୍ତିରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଦିନ ମହାଦେବଙ୍କଠାରେ ମକର ଚାଉଳ ପ୍ରସାଦ ଲାଗି ହୋଇଥିଲା। ଗ୍ରାମର ବିଷ୍ଣୁ ମନ୍ଦିର ପ୍ରାଙ୍ଗଣରେ ହରିହର ମିଳନ ପର୍ବ ଅନୁଷ୍ଠିତ ହୋଇ ହରିହର ପ୍ରତିମା ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ପ୍ରହର କର୍ତ୍ତା ରୂପେ ବିଘ୍ନରାଜ ଭୋଇ ଓ ବୈଜୟନ୍ତୀ ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିର ପୂଜା କମିଟି ସଭାପତି ଗଣ୍ଡାରାମ ଜାଳ, ସମ୍ପାଦକ ବିଜୟ ବୈଠାରୁ, କୋଷାଧକ୍ଷ ଭାଗ୍ୟବନ୍ତ ମାଝି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନାମ ଯଜ୍ଞ ସମାପନ ହେବ ବୋଲି କୋଷାଧକ୍ଷ ମାଝି ଜଣାଇଛନ୍ତି।

### ପୋଖରୀ ପୁନରୁଦ୍ଧାର

**ଖଡ଼ିଆଳ,୧୫।୧(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ୱାର୍ଡ ନମ୍ବର ୭ ଓ ୧୩ ମଧ ଭାଗରେ ଥିବା ହୀରାମୁଣ୍ଡା ପୋଖରୀ ଦୀର୍ଘ ବର୍ଷ ଧରି ଅବ୍ୟବସ୍ଥା ଘେରରେ ପଡିଛି। ଏଥିଯୋଗୁ ପୋଖରୀରେ ଅମରି ଗଛ ଓ ଅନାବନା ଗଛଗୁଡିକ ବାହାରି କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଏହାର ପୁନଃନିର୍ମାଣ ଏବଂ ପଙ୍କଉଦ୍ଧାର ନେଇ ପୋଖରୀ ଜଳ ନିଷ୍କାସନ ବ୍ୟବସ୍ଥା ଖଡ଼ିଆଳ ଏନ୍ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା ଶୁଭାରମ୍ଭ କରିଛନ୍ତି। ଏହା ସହିତ ଅଧକ୍ଷ ଗୁପ୍ତା ଉନ୍ନତ ମାନର ପୋଖରୀ ନିର୍ମାଣ ସହ ଆମୋଦ ପ୍ରମୋଦ ଜଳ ଉଦ୍ୟାନ ନିର୍ମାଣ ହେବା ନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ,ସଭ୍ୟା ସବିତା ସିନ୍ଧୁ, ସୁନୀଲ ସାହୁ, ସୁବେର ସିଂ ଦେଇ, ଚନ୍ଦନ ସାହୁ, ବଜରଙ୍ଗ ଭୋଇ ପୋଖରୀର ଉନ୍ନତି ପାଇଁ ଅନୀଲ ସିନ୍ଧୁର ବାରମ୍ବାର ଦୃଷ୍ଟି ବିଭାଗୀୟ ଅଧିକାରୀଙ୍କୁ ଆକର୍ଷଣ କରିଥିଲେ।


ନୂଆପଡ଼ା ମିନିଷ୍ଟାଡିୟମଠାରେ ଚାଲିଥିବା ପଲ୍ଲିଶ୍ରୀ ମେଳା ସହ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

## ସମ୍ବଲପୁରୀ ଗୀତରେ ଝୁମିଲେ ଦର୍ଶକ

**ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା**

**ନୂଆପଡ଼ା ଅଫିସ,୧୫।୧**

ନୂଆପଡା ମିନିଷ୍ଟାଡିୟମଠାରେ ଚାଲିଥିବା ପଲ୍ଲିଶ୍ରୀ ମେଳା ସହ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରଲକ୍ଷିତ ହୋଇଥିଲା। ଲୋକେ ଦିନରେ ମେଳାରେ କିଣାବିକା କରିଥିବା ବେଳେ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟମରେ ମଜା ଉଠାଇଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁଙ୍କ ପୌରହିତ୍ୟରେ ଆୟୋଜିତ ୨ୟ ଦିନ ସଭାରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, ନୂଆପାଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ସିନାପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଧୁରୀ ମାଝି, ବୋଡେନ ପଞ୍ଚାୟତ ସମିତି ପ୍ରେମଶିଳା ନାଗ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଶୋଭାବର୍ଦ୍ଧନ କରିଥଲେ। ସାଂସ୍କୃତିକ ସନ୍ଧ୍ୟାରେ ବୋଡେନ ବ୍ଲକ ଫରସରା ସେବାଶ୍ରମର ଛାତ୍ରୀଛାତ୍ରମାନଙ୍କ ଘୁଡକା ନାଚ, ନୂଆପଡା ଅନ୍ନେଷା ବିଦ୍ୟାଳୟର ସମ୍ବଲପୁରୀ ନୃତ୍ୟ, ଖଇରପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସ୍ୱଚ୍ଛ ଭାରତ ସଚେତନତା ନୃତ୍ୟ, ବାଞ୍ଜିବହଲେନ ସାଂସ୍କୃତିକ ଅନୁଷ୍ଠାନ ଘୁମୁରା ନୃତ୍ୟ, ତରବୋଡ ଜୟ ମା' ସାଂସ୍କୃତିକ ଦଳର ଘୋଡାନାଚ, ରାୟଗଡାର ଢେମସାନୃତ୍ୟ, ବୋଇର ଗାଁ କସ୍ତୁରିବାଗାନ୍ଧି ବାଳିକା ବିଦ୍ୟାଳୟର ସମ୍ବଲପୁରୀ ନାଚ, ବାଦି ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ଶାସ୍ତ୍ରୀଜୟ ନୃତ୍ୟ, ସେଣ୍ଟମେରୀ ପବ୍ଲିକ ସ୍କୁଲ ଆଧୁନିକ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ଶେଷରେ ଇଣ୍ଡିଆ ଆଇଡଲ ଜୁନିୟର ଚାମ୍ପିୟନ ଅନନ୍ୟା ଶ୍ରୀତମ ନନ୍ଦ ମେଲୋଡି ପରିବେଷଣ କରିଥିଲେ। ଅନନ୍ୟା ନିଜର ସୁଲଳିତ କଣ୍ଠରେ ଅନେକ ଓଡିଆ ଓ ହିନ୍ଦି ଗିତ ଗାଇଥିବା ବେଳେ ତାଙ୍କର କଣ୍ଠରେ ସମ୍ବଲପୁରି ସର୍ବକାଳିନ ରେକର୍ଡ ସଙ୍ଗୀତ ରଙ୍ଗବତିର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ। ଦର୍ଶକଙ୍କ ଅନୁରୋଧ ରକ୍ଷାକରି ସମ୍ବଲପୁରି ଗୀତରେ ଅର୍ଦ୍ଧ ରାତ୍ରୀ ସମୟ ପର୍ଯ୍ୟନ୍ତ ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହି ଅବସରରେ ଅନନ୍ୟା ଗଣମାଧ୍ୟମକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ନୂଆପଡା ଆସି ଅତ୍ୟନ୍ତ ଆନନ୍ଦ ଉଲ୍ଲାସିତ ବୋଲି କହିବା ସହ ଆବଶ୍ୟ ଏହା ପୂର୍ବରୁ କଳାହାଣ୍ଡି ନିଜ ଭିଣୋଇ ଘରକୁ ଆସିଥିଲେ। ଯାହାଙ୍କ ପ୍ରକୃତ ଘର ନୂଆପଡା ଜିଲାରେ। ନୂଆପଡା ଜିଲାବାସୀଙ୍କ ଭଲ ପାଇବା ଦେଖି ମୁଁ ଖୁସି ଅନୁଭବ କଲି। ପଲ୍ଲିଶ୍ରୀ ମେଳାରେ ଜିଲା ତଥା ଜିଲା ବାହାରୁ ୧୫୧ଟି ଷ୍ଟଲ ଲାଗିଥିବା ବେଳେ ସୁନାବେଡାର ଷ୍ଟ୍ରବେରୀର ଚାହିଦା ଅଧିକ ରହିଛି। ଉଦ୍ୟାନ ବିଭାଗ ଦ୍ୱାରା ପାଣିକଖାରୁ ଦ୍ୱାରା ନିର୍ମିତ ହକିଷ୍ଟିକ ଓ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଦର୍ଶକଙ୍କୁ ଆକୃଷ୍ଟ କରି ଦେଉଛି।

## 'ଭାଇରାଲ ଅଡିଓର କୌଣସି ସତ୍ୟତା ନାହିଁ'

**କେସିଙ୍ଗା,୧୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବିଡିଓଙ୍କ ନାମରେ ଏକ ଅଡିଓ ୨ ଦିନଧରି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭାଇରାଲ ଅଡିଓକୁ ନେଇ ବିଡିଓ ପ୍ରଫୁଲ୍ଲ କୁମାର ଅଦୁ ରବିବାର ତାଙ୍କ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ କରି ଏହାକୁ ଖଣ୍ଡନ କରିଛନ୍ତି। ଭାଇରାଲ ଅଡିଓରେ କୌଣସି ସତ୍ୟତା ନାହିଁ ବୋଲି ବିଡିଓ କହିଥିଲେ। ଅଡିଓରେ ବିଡିଓ କୌଣସି ଖରାପ ଭାଷା ପ୍ରୟୋଗ କରାଯାଇନାହିଁ ଯାହାକି ବିଡିଓ ସଂଶ୍ଳିଷ୍ଟ ଅଛନ୍ତି ବୋଲି କହିବା ଉଚିତ ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଡିଓ ଅଦୁ କହିଥିଲେ ଯେ ଏହା ଏକ ଷଡ଼ଯନ୍ତ୍ର। କେତେକ ସ୍ୱାର୍ଥବାଦୀ ଗୋଷ୍ଠୀଙ୍କ ଦ୍ୱାରା ଏହା ଭାଇରାଲ ହେଉଛି। ଓଡିଓରେ ବିଡିଓଙ୍କ ପୁଅର ନାମରେ ବ୍ଲକ ଷ୍ଟାଫର ଜଣେ ଯୁବତୀ ବିଡିଓଙ୍କୁ ମୋବାଇଲ ଫୋନ କରି ଅଭିଯୋଗ କରୁଥିବା ଶୁଣିବାକୁ ମିଳୁଛି। ବିଡିଓ କହିଛନ୍ତି ଯେ, ମୁଁ ଜଣେ କାର୍ଯ୍ୟରତ ଡ୍ରାଇଭରଙ୍କୁ ଅନୈତିକ କାର୍ଯ୍ୟ ପାଇଁ ବାହାର କରି ଦେବାରୁ ସେ ନିଜ ରାଗ ସୁଝାଇବା ପାଇଁ ଜଣେ ଯୁବତୀଙ୍କ ମାଧ୍ୟମରେ ଗୋଟେ ପୁରୁଣା ଅଡିଓ ରେକ ଭାଇରଲ କରି ମୋତେ ବଦନାମ କରୁଛନ୍ତି। କିନ୍ତୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଭଲ କରି ଭାଇରାଲ ଭିଡିଓକୁ ଶୁଣିଲେ ଜାଣି ପାରିବେ ଯେ ମୋର କୌଣସି ଏଥିରେ ଭୁଲ ନ ଥିବା ସ୍ପଷ୍ଟ ଜଣାପଡୁଛି ବୋଲି ବିଡିଓ କହିଛନ୍ତି। ମୋ ନାରେ କୌଣସି ଅଭିଯୋଗ ନା ଷ୍ଟାଫ ନା ଜନସାଧାରଣଙ୍କ ପକ୍ଷରୁ କେବେ ମଧ୍ୟ ଅଭିଯୋଗ ଆସିନାହିଁ। ଭାଏରାଲ ଅଡିଓରେ ମୋ ପାଟିରୁ କୌଣସି ଖରାପ ଭାଷା କିମ୍ବା କଥା ଶୁଣିବାକୁ ପାଇଲେ କି ବୋଲି ଓଲଟା ପ୍ରଶ୍ନ କରିବା ସହିତ ଏହାକୁ ଖଣ୍ଡନ କରିଥିଲେ। ଏହି ଘଟଣା ନେଇ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍‌ମାନେ କ୍ଷୋଭ ପ୍ରକାଶ କରିଛନ୍ତି।

## ଶିଉନି ଫୁଟବଲ କପ୍: କୁସୁମବନ୍ଧ ଚାମ୍ପିୟନ


ଖେଳାଳିଙ୍କ ସହିତ ଅତିଥିମାନେ।

**କୋକସରା,୧୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ଶିଉନି ଗ୍ରାମରେ ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଶିଉନି ଚାମ୍ପିୟନ କପ ଫୁଟବଲ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗଦେଇ ପଡ଼ିଆର ଉନ୍ନତି କରଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୀତାରାମ ଅଗ୍ରୱାଲ, ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ଆମପାଣି ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣୁଆ, ବୁଢ଼ାରଜା ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗ, ଆଦିବାସୀ ସଂଘ ଜିଲା ସମ୍ପାଦକ ଋତୁରାଜ ମାଝି, ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝି, ଚଞ୍ଚରାଗୁଡା ପଞ୍ଚାୟତ ସରପଞ୍ଚ ରଞ୍ଜୁ ଭତ୍ରା, ଆମପାଣି ପଞ୍ଚାୟତ ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ ନବରଙ୍ଗପୁର ଜିଲା କୁସୁମବନ୍ଧ ଓ ଟେମରା ଦଳ ମଧ୍ୟରେ ଚିତାକର୍ଷକ ହୋଇଥିଲା। କୁସୁମବନ୍ଧ ଦଳ ୧/୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଖେଳକୁ ଚିତ୍ତରଞ୍ଜନ ଠାକୁର ଓ ଜଗମୋହନ ମାଝି, ଶଙ୍କର ପୋଢ଼ ପରିଚାଳନା କରିଥିଲେ। ଧାରାବିବରଣୀ ଈଶ୍ୱରୀ ପ୍ରସାଦ ଅଗସ୍ତି ଏବଂ ନରେନ୍ଦ୍ର ଧ.ମାଝି ପ୍ରଦାନ କରିଥିବା ବେଳେ ସୁଧୀର ଧ.ମାଝି ମଞ୍ଚ ପରିଚାଳନା କରିଥିଲେ। ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଛି। ନେତାଜୀ ଯୁବକ ସଂଘ ସଦସ୍ୟ ସନାତନ ପଣ୍ଡା ସୁବାସ ବେହେରା, ଅମିତ କୁମାର ପଣ୍ଡା, ମଣ୍ଟୁ ନାଏକ ଓ ଯୁବକ ସଙ୍ଘର ସମସ୍ତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଖେଳକୁ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ବିରିମୁହାଣ ଗ୍ରାମର ଆଦିବାସୀ ନୃତ୍ୟ ଢେମସା ପରିବେଷଣ କରାଯାଇଥିଲା।

## ଟେରେସିଂହା କପ ଫୁଟ୍‌ବଲ: ବଡ଼ମାଲ ଚାମ୍ପିୟନ

**କର୍ଲାମୁଣ୍ଡା,୧୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଟେରେସିଂହା ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଦୈତାରୀ ମେମୋରିଆଲ ଗେମ୍ସ ଏଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ୨୨ତମ ଟେରେସିଂହା କପ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବଡ଼ମାଲ ଏବଂ ମହୀପୁର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବଡ଼ମାଲ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟେ ଦଳ ୧-୧ ଗୋଲଦେଇ ସମାନ ହୋଇଥିବାରୁ ପେନାଲଟିକ ଜରିଆରେ ବଡ଼ମାଲ ୪-୨ ଗୋଲ ଦେଇ ବିଜୟୀ ହୋଇଛି। ଚାମ୍ପିୟନ ଓ ରନର୍ସଅପ ଦଳଙ୍କୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଯୁବନେତା ନୀଳମାଧବ ସିଂଦେଓ, ମୁଖ୍ୟବକ୍ତା ପିରବତୀ ମହିଳା କଲେଜ ପ୍ରତିଷ୍ଠାତା ମୁରଲୀଧର ରଣା, ସମ୍ମାନିତ ଅତିଥି ଭାବେ ଆଦିବାସୀ ନେତା ନନ୍ଦୀ କିଶୋର ଭୋଇ, ଶିକ୍ଷକ ପ୍ରହଲ୍ଲାଦ ଦଣ୍ଡସେନା, ଅବସରପ୍ରାପ୍ତ ପୋଲିସ ଏଏସଆଇ କ୍ଷମାନିଧି ସାହୁ, ସତ୍ୟନାରାୟଣ କୁମାର, ଅବସରପ୍ରାପ୍ତ ଶିକ୍ଷକ ଲୋକନାଥ ଗହୀର, ଦାମ ଭୋଇ, ଅକ୍ଷୟ ରଣା, ଆୟୋଜକ କମିଟି ସଭାପତି କିଶୋର ଚନ୍ଦ୍ର ନାଏକ, ସମ୍ପାଦକ ରଶ୍ମି ରଞ୍ଜନ ରଣା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଯୁଗଳକିଶୋର ନାଏକ ମଞ୍ଚ ପରିଚାଳନ କରିଥିବାବେଳେ ଦେବେନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଫାଇନାଲ ଖେଳ ଚଞ୍ଚଳ ମାଝି, ବୁଡୁ ମାଝି, ନରେଶ ମାଝି ପରିଚାଳନା କରିଥିବା ବେଳେ ଦେବେନ୍ଦ୍ର ରଣା, ଗଜାନନ ଗହୀର ଧାରାବିବରଣୀ ପ୍ରଦାନ କରିଥିଲେ। ବସନ୍ତ ସାହୁ, କ୍ଷେତ୍ରମଣୀ ରଣା, ତପନ ମାଝି, ଚୈତନ୍ୟ ନାଏକ, ସମ୍ପଦ ରଣା, ଅରୁଣ ରଣା, ମନୋଜ ରଣା, ନିଳାଞ୍ଚଳ ଗହୀର, ଦୟା ଭୋଇଙ୍କ ସମେତ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଚାମ୍ପିୟନ ଦଳ।

## ମନମୋହିଲା ପଥୋତ୍ସବ, ରାସ୍ତା ପାଲଟିଲା ଉତ୍ସବମୟ

**ଭବାନୀପାଟଣା,୧୫।୧(ସ୍ୱ.ପ୍ର.)**

କଳାହାଣ୍ଡି ଉତ୍ସବର ରୌପ୍ୟ ଜୟନ୍ତୀ ସମାରୋହକୁ ସ୍ମରଣୀୟ କରିବା ପାଇଁ ଜିଲା ପ୍ରଶାସନ ତଥା ଜିଲା ସଂସ୍କୃତି ପରିଷଦ ଅନେକ ପଦକ୍ଷେପ ହାତକୁ ନେଇଥିବାବେଳେ ଉତ୍ସବ ଦ୍ୱିତୀୟ ଦିବସରେ ଶୁଭାରମ୍ଭ ପଥୋତ୍ସବ ସହିତ କରାଯାଇଛି। ପଥୋତ୍ସବ ପାଇଁ ସହରର ଜେଲ ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଉତ୍ସବ ମୁଖର ହୋଇ ଉଠିଥିବାବେଳେ ଶହଶହ କଳାକାର ନିଜର କଳା ପ୍ରଦର୍ଶନ କରିଥିଲେ। ଶୂନ୍ୟ ବ୍ୟୟଭାରରେ ଆୟୋଜିତ ପଥୋତ୍ସବରେ ସ୍ଥାନୀୟ କଳାକାର ସମେତ ଜନସାଧାରଣ ହିଁ ଏହାର ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଲାଷ ଜୀ, ଭବାନୀପାଟଣା ପୌରପରିଷଦ ଅଧକ୍ଷା ସଂଯୁକ୍ତା ବେହେରା, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସଚିନ ପାୱାର୍, ଜିଲା ମୁଖ୍ୟ ଶିକ୍ଷାଧିକାରୀ ସୁଶାନ୍ତ ଚୋପଦାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ପଥୋତ୍ସବ ବୁଲି ଦେଖିବା ସହିତ ପ୍ରତିଭାଗୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସମଗ୍ର ଶିକ୍ଷାର ଜନଜାତି ସାଧନ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ, ବିରଳ ମୁଦ୍ରା ସଂଗ୍ରାହକ ରମେଶ ଅଗ୍ରୱାଲ, ଟାଟା ପାୱାରର ଘୁମୁରା ଦଳ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ପ୍ରଦର୍ଶନୀ ଷ୍ଟଲ, ଶିଶୁ ଚିତ୍ରକଳା ପ୍ରତିଯୋଗିତା ଓ ପ୍ରଦର୍ଶନୀ, ପଞ୍ଚ ମେନ ସତ୍ୟପୀର ପଧାନଙ୍କ ପଞ୍ଚ ଷ୍ଟ୍ରାଇକ କମ୍ପିଟିସନ, ଶାସ୍ତ୍ରୀଜୀ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପାଞ୍ଚଟି ଭିନ୍ନ କାର୍ଯ୍ୟକ୍ରମ, ମହାବୀର ସାଂସ୍କୃତିକ ଅନୁଷ୍ଠାନ, ବାଲଗୋପାଳ ସେବା ନିକେତନ, ଦିଲ୍ଲୀ ପବ୍ଲିକ ସ୍କୁଲ, ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ଟାଏକୋଣ୍ଡୋ ପ୍ରଦର୍ଶନ, ଜିଲା ଅବକାରୀ ବିଭାଗର ନିଶାମୁକ୍ତି ଅଭିଯାନ, ଆଞ୍ଚଳିକ ପରିବହନ ବିଭାଗ ସଡ଼କ ସୁରକ୍ଷା, ଜିଲା ଯୁବ ରେଡକ୍ରସ, କାରୁଣ୍ଡ କଳା ମଞ୍ଚ, କଳାହାଣ୍ଡି ପୋଲିସ, ଲିଟିଲ ବୃନ୍ଦାବନ ସ୍କୁଲ, ଉଦ୍ୟାନ ବିଭାଗ, ଜିଲା କ୍ରୀଡ଼ା ବିଭାଗର ହକି ବିଶ୍ୱକପ ପ୍ରଦର୍ଶନୀ, ସୁନୀଲ ମହାନନ୍ଦ ଏବଂ ସାଥୀ, ଅସାଧାରଣ ପ୍ରତିଭା ଆଲୋକ ରାଉତଙ୍କ ସ୍କେଟିଂ, ଦାପ୍ତା ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଖାଦ୍ୟ ଉତ୍ସବ ଆଦି ଭଳିକି ଭଳି କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗର ଲୋକେ ବିଭିନ୍ନ କଳା ପ୍ରଦର୍ଶନ କରିବାର ସୁଯୋଗ ପାଇଥିବାବେଳେ ପଥପ୍ରାନ୍ତରେ ଅନୁଷ୍ଠିତ ଏହି ବହୁବିଧ କାର୍ଯ୍ୟକ୍ରମ ସାଧାରଣ ଜନତାଙ୍କ ପାଇଁ ଭରପୁର ମନୋରଞ୍ଜନ ଖୋରାକ ଯୋଗାଇଥିଲା। ପଥୋତ୍ସବ କମିଟି ନୋଡ଼ାଲ ଅଫିସର ଜିଲା ଯୋଜନା ଅଧିକାରୀ ଶ୍ରୀକାନ୍ତ ଦଳେଇ, ଡେପୁଟି କଲେକ୍ଟର ଜୟନ୍ତ ମେହେର, ଅଧକ୍ଷ ଡ. ଅଜୟ ମିଶ୍ର, ଆବାହକ ସଞ୍ଜୟ କୁମାର, ସଦସ୍ୟ ସୁଶାନ୍ତ ସିଂହ, ବିରଞ୍ଚି ନାରାୟଣ ପଣ୍ଡା, ରୋହିତ ଦୁର୍ଗା, ସୁରୁ ବାରିକ, ଭବାନୀ ପଟ୍ଟନାୟକ, ଶ୍ରୀନିବାସ ସାହୁ, ରାମଶଙ୍କର ରଥ, କୈଳାସ ସାହୁ, ଡିଲେଶ୍ୱର ରଣାଙ୍କ ସମେତ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଏନ୍‌ସିସି କ୍ୟାଡେଟମାନେ ନିୟୋଜିତ ଥିଲେ।


ଜିଲାପାଳ ରାହାଗିରରେ ଯୋଗଦେଇଛନ୍ତି।

## ସଂକ୍ଷେପରେ

### ହତ୍ୟା ମାମଲା, ୬ ଗିରଫ

**ଅତାବିରା/ସରଣ୍ଡା,୧୫।୧:** ବରଗଡ଼ ଜିଲା ଅତାବିରା ଥାନା କାଣ୍ଡପାଲି ଗ୍ରାମରେ ଶୁକ୍ରବାର ସଂଘଟିତ ସୁବର୍ଣ୍ଣନ ଭୁଏ ହତ୍ୟା ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅତାବିରା ଥାନା ସିଂହପାଲି ଗ୍ରାମର ସୁଶାନ୍ତ ଭୁଏ(୨୨), କେଶବ ଓରଫ୍ ସୁରୁ ଭୁଏ(୨୫), ହରିବୋଲ ଭୁଏ(୨୮), ଗୋପାଳ ଥପା(୨୮), କାଣ୍ଡପାଲି ଗ୍ରାମର ତ୍ରିଲୋଚନ ଭୁଏ(୪୭) ଏବଂ ବରଗଡ଼ ଟାଉନ ଥାନା ଭଟଲି ଛକ ୱାର୍ଡ ନଂ-୧ ଚନ୍ଦନ ନଗର ନିବାସୀ ବିଶ୍ୱନାଥ ସାହୁ(୨୬)। ଅଭିଯୁକ୍ତଙ୍କ ବିରୋଧରେ ଅତାବିରା ଥାନାରେ ଦଫା ୩୦୨, ୩୦୭, ୩୪ ଆଇପିସିରେ ଏକ ମାମଲା (ନଂ.୨୧/୨୩) ରୁଜୁ ହୋଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏହି ମାମଲାରେ ପୋଲିସ ବ୍ୟବହୃତ ଏକ ବାଇକ୍ (ନଂ.ଓଆର୧୭ଡି/୪୮୯୮), ଏକ କାର୍ (ନଂ.ଓଡ଼ି୧୭ଭି/୪୨୨୩) ଏବଂ ସ୍କ୍ରୁ ଡ୍ରାଇଭର ଜବତ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୃତ ସୁବର୍ଣ୍ଣନ ଏବଂ ଅଭିଯୁକ୍ତ



ତ୍ରିଲୋଚନଙ୍କ ଘର କାଣ୍ଡପାଲି ଗ୍ରାମ ପାଖାପାଖି ରହିଛି। ଉଭୟଙ୍କ ମଧ୍ୟରେ ଗତ ୧୩ ତାରିଖରେ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ନେଇଥିଲା। ଅଭିଯୁକ୍ତ ତ୍ରିଲୋଚନ ଘଟଣାକୁ ନେଇ ଅନ୍ୟ ଅଭିଯୁକ୍ତ ତଥା ତାଙ୍କ ପରିଚିତ ସମ୍ପର୍କୀୟଙ୍କୁ ଡାକିଥିଲେ। ଏହାପରେ ଘଟଣା ଉଗ୍ର ହୋଇଥିଲା ଏବଂ ଅଭିଯୁକ୍ତମାନେ ସୁବର୍ଣ୍ଣନଙ୍କୁ ଘରୁ ଡାକି ସ୍କ୍ରୁ ଡ୍ରାଇଭରରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅତାବିରା ଡାକ୍ତରଖାନା ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ଲୁଡୁକିବେଡ଼ା ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ଡୁଙ୍ଗୁରିପାଲି, ୧୫।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲୁଡୁକିବେଡ଼ାଠାରେ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଲିଙ୍ଗମାର୍ଣ୍ଣି ସରପଞ୍ଚଙ୍କ ପ୍ରତିନିଧି ଲଳିତ ପ୍ରଧାନ, ପ୍ରତାପ ପ୍ରଧାନ, ବରଗଡ ଧନୁଯାତ୍ରାର କଂସ ଅଭିନେତା ହୃଷୀକେଶ ଭୋଇ, ବିଶିଷ୍ଟ ଫୁଟବଲ ଖେଳାଳି ସନ୍ତୋଷ ପଧାନ ଯୋଗ ଦେଇଥିଲେ। କଂସ ଭୂମିକାରେ ବୃନ୍ଦାବନ ପ୍ରଧାନ, କୃଷ୍ଣ ଭୂମିକାରେ ଶ୍ରୀମକ ଦାସ, ବଳରାମ ଭୂମିକାରେ ଶ୍ରୀତମ ପୁଟା ଅଭିନୟ କରିଥିଲେ। କଂସ ଦରବାର ମଞ୍ଚକୁ ବ୍ୟାସଦେବ ଭୋଇ ପରିଚାଳନା କରିଥିଲେ। ସନ୍ତୋଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମନମୋହିଲା ଢେମସା, ଆଦିବାସୀ ନୃତ୍ୟ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।



ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ବୌଦ୍ଧ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

**ବୌଦ୍ଧ,୧୫।୧(ସ୍ୱ.ପ୍ର.)**

ବୌଦ୍ଧ ମହୋତ୍ସବ ପଲ୍ଲୀଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। ଅତିଥିଭାବେ ସୋନପୁର ଦେଉଳପଦରର ଟେରାକୋଟା କାରିଗର ବେଦମତି ରଣା, ସୋନପୁର କମିରା ସମ୍ବଲପୁରି ଶାଢୀ କାରିଗର ଯୋଗେଶ୍ୱର ମେହେର, ବୌଦ୍ଧ ଗୁଡଭେଲିପଦର ତମ୍ବା କାରିଗର ଦିଲୀପ ସାହୁ, ବୌଦ୍ଧ ବୁଢୁପାଲି ସମ୍ବଲପୁର ଶାଢୀ କାରିଗର ଲିଙ୍ଗରାଜ ମେହେର ଯୋଗଦେଇଥିଲେ। ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ମଞ୍ଚରେ ହକି ବିଶ୍ୱକପ ମ୍ୟାଚର ସିଧା ପ୍ରସାରଣ କରାଯାଇଥିଲା। ଚଳିତବର୍ଷ ଜିଲା ମହୋତ୍ସବ ପଡିଆକୁ ସୁନ୍ଦର ଭାବେ ସାଜସଜ୍ଜା ହୋଇଥିବା ବେଳେ ଅଧିକ ଆର୍କଷଣୀୟ କରିବା ପାଇଁ ପଲ୍ଲିଶ୍ରୀ ମେଳା ସହିତ ଯୋଡି ହୋଇଛି ବୟନିକାର ରାଜ୍ୟସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ। ଚତୁର୍ଥ ଦିନ ସାଂସ୍କୃତିକ ସନ୍ଧ୍ୟାରେ ବିକାଶ ଦାସ ଓ ସାଥିଙ୍କ ଦ୍ୱାରା ସୁନ୍ଦର ସଙ୍ଗିତ ପରିବେଷଣ ହୋଇଥିବା ବେଳେ ପ୍ରଣାମ ଅନୁଷ୍ଠାନ ବୌଦ୍ଧ ପକ୍ଷରୁ ଓଡ଼ଶୀ ନୃତ୍ୟ, ଗିରସିଙ୍ଗା ୟୁପି ସ୍କୁଲ ପକ୍ଷରୁ ଦେଶାତ୍ମବୋଧ ନୃତ୍ୟ, ଗାୟତ୍ରୀ କଳା ଅନୁଷ୍ଠାନ ରାୟଗଡା ପକ୍ଷରୁ ଢେମସା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ ପକ୍ଷରୁ ଆଧୁନିକ ନାଚ, ଗେହ୍ଲାମା କଳା ପରିଷଦ ବୌଦ୍ଧ ପକ୍ଷରୁ ମାହାରୀ, ରୁଦ୍ର ଭୈରବୀ କ୍ଲବ ବୌଦ୍ଧ ପକ୍ଷରୁ ଆଦିବାସୀ ନୃତ୍ୟ, ଟିକରପଡା ମା’ ଦୁମାଦେଇ ସାଂସ୍କୃତିକ ପଣିଷଦ ଟିକରପଡା ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ମହୋତ୍ସବରେ ଚଳିତବର୍ଷ ୨୩୦ଟି ଷ୍ଟଲ ଖୋଲାଯାଇଥିବାବେଳେ ସେଥିମଧ୍ୟରେ କେବଳ ବୟନିକା ପକ୍ଷରୁ ୧୧୨ଟି ଷ୍ଟଲ ଖୋଲାଯାଇ ବିଭିନ୍ନ ସମାଗ୍ରୀ ବିକ୍ରୟ କରାଯାଉଛି। ମଞ୍ଚକୁ ରାଜ୍ୟ ଲୋକକଳା ପରିଷଦ ଉପସଭାପତି ଅବନୀ କୁମାର ମିଶ୍ର ପରିଚାଳନା କରିଥିଲେ। ମହୋତ୍ସବରେ ଚଳିତବର୍ଷ କଳାହାଣ୍ଡି ଓ ବାଲେଶ୍ୱରର କାଠ କାରିଗରୀ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ଟେରାକୋଟା, ପୁରୀର ଗାଲିଚା, ଯାଜପୁରର ଟସର ଓ ମୟୁରଭ ର ସବାଇ ଇତ୍ୟାଦି ପ୍ରଦର୍ଶିତ ହେବା ଓ ବ୍ରିକୟ ହେଉଛି। ମହୋତ୍ସବ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ ଜମୁଛି।

## ବୌଦ୍ଧ ମହୋତ୍ସବର ଚତୁର୍ଥ ଦିବସରେ ଆଲୋଚନାଚକ୍ର

**ବୌଦ୍ଧ,୧୫।୧(ସ୍ୱ.ପ୍ର.)**



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ବୌଦ୍ଧ ମହୋତ୍ସବର ଚତୁର୍ଥ ଦିବସରେ ବୌଦ୍ଧର ବୁଣାକାରଙ୍କୁ ନେଇ ବୟନ ଶିଳ୍ପ ପର୍ଯ୍ୟଟନ ସମ୍ପର୍କିତ ଏକ ଆଲୋଚନାଚକ୍ର ରବିବାର ମହୋତ୍ସବ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଲଳିତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଭାବେ ଜିଲାପାଳ ସତ୍ୟରନ ସାହୁ ଯୋଗଦେଇ ବୌଦ୍ଧ ଜିଲାରେ ବୟନ ଶିଳ୍ପର ସମ୍ଭାବନା ନେଇ ଆଲୋଚନା କରିବା ସହିତ ମେକ୍ ଇନ ବୌଦ୍ଧରେ ବୟନ ଶିଳ୍ପକୁ ପ୍ରଥମ ସ୍ଥାନ ମିଳିବ ବୋଲି କହିଥିଲେ। ବୌଦ୍ଧ ଜିଲାର ବୁଣାକାରମାନେ ସ୍ୱତନ୍ତ୍ର ଭାବେ ବୌଦ୍ଧ ବ୍ରାଣ୍ଡର ଶାଢୀ ଓ ଗାମୁଛା ପ୍ରସ୍ତୁତ କରି ସାରା ଦେଶରେ ପ୍ରଚାର ପ୍ରସାର କରିବାକୁ ଜିଲାପାଳ ସାହୁ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ବୌଦ୍ଧରେ ବୟନ ଶିଳ୍ପର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ଅଧ୍ୟାପକ ପ୍ରବୀର କୁମାର ଦାସ ଯୋଗଦେଇ ବୌଦ୍ଧରେ ବୁଣାକାରମାନଙ୍କ ସମସ୍ୟା ଓ ତାହାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୌଦ୍ଧରେ ବୁଣା ହେଉଥିବା ଲୁଗା କିପରି ବିଶ୍ୱସ୍ତରରେ ସୁନାମ ଆଣିପାରିବ ସେ ସମ୍ପର୍କରେ ବୟନ ବିଭାଗ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଆଲୋଚନାଚକ୍ରରେ ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ରବୀନ୍ଦ୍ର କୁମାର କହଁର ଓ ତହସିଲଦାର ଦେବୀ ପ୍ରସାଦ ଦାଶ ଯୋଗଦେଇ ବୁଣାକାରଙ୍କୁ ଉତ୍ସାହିତ କରିଥିଲେ। ଜିଲା ବୟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିରେନ୍ଦ୍ର କୁମାର ନାଏକ ସ୍ୱାଗତ କରିବା ସହ ବୌଦ୍ଧର ବୁଣାକାରମାନଙ୍କ ସମସ୍ୟା ଯଥାଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ସୁପରଭାଇଜର ଦାମୋଦର ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ୮୦ଜଣ ବୁଣାକାର ଯୋଗଦେବା ସହିତ ବହୁ ସଂଖ୍ୟାରେ ବ୍ୟବସାୟୀ ମଧ୍ୟ ଯୋଗଦେଇଥିଲେ। ସମସ୍ତ ବୁଣାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା।

## କଟ୍‌ନୀ ଛଟନୀରେ ପେଷୀ ହେଉଛନ୍ତି ଚାଷୀ

### ଖବରଦାତା ସମ୍ମିଳନୀରେ ଅଭିଯୋଗ କଲେ ବାଲଗୋପାଳ

**ଡୁଙ୍ଗୁରିପାଲି , ୧୫।୧(ଡି.ଏନ.ଏ.)**

ପ୍ରତିକୂଳ ପରିସ୍ଥିତିରେ ଚାଷ କରୁଥିବା ଚାଷୀ ଧାନବିକ୍ରି ବେଳେ କଟ୍‌ନୀ ଛଟ୍‌ନୀରେ ପଶି ହେଉଛି। ମଣ୍ଡିକୁ ଯାଇ ଧାନବିକ୍ରିର ଅନୁଧ୍ୟାନ କଲେ ଏହା ଜଣାପଡିବ। ହେଲେ ରାଜ୍ୟ ସରକାରଙ୍କ ଏଥିପ୍ରତି ନଜର ନାହିଁ। ଛତିଶଗଡ଼ ସରକାର ଧାନ ବିକ୍ରି ପାଇଁ ଚାଷୀଙ୍କୁ ବୋନସ୍ ଦେଉଥିବା ବେଳେ ଓଡିଶା ସରକାର ଘୋଷଣା କରିବି ଦେଉ ନାହାନ୍ତି। ଏହିଭଳି ଅଭିଯୋଗ କରିଛନ୍ତି ବଲାଙ୍ଗୀରର ପୂର୍ବତନ ଏମ୍‌ପି ବାଲଗୋପାଳ ମିଶ୍ର। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଚେରୁପାଲି ଅଙ୍ଗନଦୀ ଚଣ୍ଡି ମନ୍ଦିର ପାର୍ଶ୍ୱରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଆହୁରି କହିଛନ୍ତି ଯେ, କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଆଶାନୁରୂପଭାବେ ବୃଦ୍ଧି କରୁନାହାନ୍ତି। ଏଥିରେ କୃଷକର ଆୟ ଦୁଇଗୁଣା କିପରି ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଜନପ୍ରତିନିଧି ଓ ପବ୍ଲିକ ସରଭେଣ୍ଟଙ୍କ ମଧ୍ୟରେ ସମନ୍ୱୟ ଜରୁରୀ। ହେଲେ ଏଥିରେ ବ୍ୟତିକ୍ରମ ହେଉଛି। ବଲାଙ୍ଗୀର ଜିଲା ପରିଷଦ ବୈଠକରେ ଘଟିଥିବା ଜିଲାପାଳ-ବିଧାୟକ କଥା କଟାକଟି ଏହାର ଜ୍ୱଳନ୍ତ ଉଦାହରଣ। ତେବେ ବ୍ୟୁରୋକ୍ରାଟଙ୍କ ହାତରେ ସବୁ କ୍ଷମତା ଠୁଳ ହେବା ଠିକ୍ ନୁହେଁ ବୋଲି ବୋଲି ସେ କହିଥିଲେ। ଅନ୍ୟାନ୍ୟ କେତେକ ପ୍ରସଙ୍ଗରେ ଖବରଦାତା ସମ୍ମିଳନୀରେ ମତ ରଖିଥିଲେ ପୂର୍ବତନ ଏମ୍‌ପି ମିଶ୍ର।

## ଭାଜପାର ହରଭଙ୍ଗା ମଣ୍ଡଳସ୍ତରୀୟ ବୈଠକ



ଭାଜପାର ମଣ୍ଡଳସ୍ତରୀୟ ବୈଠକ।

**ବୌଦ୍ଧ,୧୫।୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଭାଜପାର ହରଭଙ୍ଗା ମଣ୍ଡଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଛତରଙ୍ଗଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ତପନ ଡାଙ୍ଗ ସଭାପତିତ୍ୱରେ ବୈଠକରେ ପ୍ରବାସ ଯୋଜନା ପାଇଁ ଆଲୋଚନା ହୋଇଥିଲା। ଜିଲା ସଭାପତି ବିପ୍ରଚରଣ ମହାନ୍ତି ଯୋଗଦେଇଥିଲେ। ଆସନ୍ତା ନିର୍ବାଚନକୁ ଆଖି ଆଗରେ ରଖି ମଣ୍ଡଳସ୍ତରରେ ସମସ୍ତ କର୍ମକର୍ତ୍ତାମାନେ ମଣ୍ଡଳର ଶକ୍ତି କେନ୍ଦ୍ରସ୍ତରରେ ଓ ବୁଥ କମିଟି ଗଠନ କରି ନିର୍ଦ୍ଦିଷ୍ଟ ଦାୟିତ୍ୱ ବଣ୍ଟନ କରିବା ସହିତ ୧୫ଟି ପଏଣ୍ଟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ପୂର୍ବତନ ବିରୋଧୀ ଦଳ ନେତା ସଚିଦାନନ୍ଦ ଦଲାଲ, ସାଧାରଣ ସମ୍ପାଦକ ତାପସ କୁମାର ପଟନାୟକ, ପୂର୍ବତନ ଜିଲା ସଭାପତି ମାଗୁଣି ଗାଇଗୌରିଆ, ଅକ୍ଷୟ କୁମାର ସାହୁ, କାଇଁଚ ପ୍ରଧାନ, ସଚି ମହାକୁଡ, ଗଙ୍ଗା ପ୍ରଧାନଙ୍କ ସମେତ ମଣ୍ଡଳ କମିଟି ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

**ସୋନପୁର,୧୫।୧(ନି.ପ୍ର.)**



ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟ ଜନସଂଖ୍ୟାର ଅଧା ମହିଳା। ତେଣୁ ରାଜ୍ୟର ବିକାଶ ପାଇଁ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ସୁନିଶ୍ଚିତ କରିବା ପାଇଁ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ମହିଳାଙ୍କୁ ସମସ୍ତ କ୍ଷେତ୍ରରେ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ନବୀନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସୋନପୁର ବ୍ଲକ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରି ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନବୀନ ପଟ୍ଟନାୟକ ମତପ୍ରକାଶ କରିଛନ୍ତି। ମା’ମାନଙ୍କ ଗୋଷ୍ଠୀଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମରେ ଏହି ନୂତନ ଗୃହ ବିଶେଷ ସହାୟକ ହେବ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ୫୦ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ଅମରେଶ କୁମାର ପଣ୍ଡା, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ୍ୟ, ସୋନପୁର ପଞ୍ଚାୟତ ସମିତି ଅଧକ୍ଷ ପ୍ରହ୍ଲାଦ ନାୟକ, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ରେଣୁବାଳା ଦାଶ, ଡିପିସି ମିଶନ ଶକ୍ତି କାର୍ତ୍ତିକ ନାୟକ, ସୋନପୁର ସିଡିପିଓ ନିବେଦିତା ସରାଫ, ବ୍ଲକ ମିଶନ ଶକ୍ତି ଫେଡେରେସନର କର୍ମକର୍ତ୍ତା, ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଯୋଗଦାନ କରିଥିଲେ।

## ଚକ୍ଷୁ ଅସ୍ତ୍ରୋପଚାର ପାଇଁ ୫୧ ରୋଗୀ ଚିହ୍ନଟ

**ବରପାଲି,୧୫।୧(ଡି.ଏନ.ଏ.)**

ବରପାଲି ବଣିକ ସଂଘ ଓ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ବରପାଲି ବଣିକ ଭବନଠାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୨୩୯ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୧ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ବରପାଲି ନଗରପାଳ ଦିନେଶ ଗହୀର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରପାଲି ବଣିକ ସଂଘ ସଭାପତି ଅଶୋକ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଅଶୋକ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବଣିକ ସଂଘର ସ୍ୱାଧୀନ ମହାରଣା, କିଶୋର ଥଇତ, ଉଦ୍ଧବ ସାହୁ, ସନ୍ତୋଷ କୁମାର ଗୁପ୍ତା, ଲକ୍ଷ୍ମଣ ଅଗ୍ରୱାଲ, ନରେଶ ଅଗ୍ରୱାଲ, କୈଳାସ ମେହେର, ସୁବ୍ରତ ଦାଶ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ବିନିକା ସ୍ପୋର୍ଟସ କ୍ଲବ ଚାମ୍ପିୟନ

### ଓସିଏ ଭିଜନ-୨୪

**ଉଲୁଣ୍ଡା,୧୫।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ପଡିଆରେ ଓସିଏ-୨୪ ଭିଜନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ମ୍ୟାଚରେ ରବିବାର ତରଭା ସ୍ପୋର୍ଟିଂ କ୍ଲବକୁ ୫ଉଇକେଟରେ ହରାଇ ବିନିକା ସ୍ପୋର୍ଟସ କ୍ଲବ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ବିନିକାର ଅଧିନାୟକ ଆଶୁତୋଷ ଦାସ ଟସ୍ ଜିତି ତରଭା ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ୪୫ଓଭର ବିଶିଷ୍ଟ ମ୍ୟାଚରେ ୩୩.୩ଓଭରରେ ତରଭା ଦଳ ସମସ୍ତ ଉଇକେଟ ହରାଇ ୧୬୪ ରନ କରିଥିଲା। ଦଳ ପକ୍ଷରୁ ନସାଦ ମହମ୍ମଦ ୪୨, ସୁରଜ ୨୩ ରନ କରିଥିଲେ। ଏକ ସହଜସାଧ ବିଜୟ ଲକ୍ଷ୍ୟ ନେଇ ବିନିକା ସ୍ପୋର୍ଟସ କ୍ଲବ ୨୬.୨ଓଭରରେ ୬ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆକାଶ ୪୩, ବବଲୁ ୨୮, ପିଣ୍ଟୁ ୧୭ ରନ କରି ଦଳକୁ ବିଜୟୀ କରିଥିଲେ। ଖେଳକୁ ଓସିଏ ପେନାଲ ଅମ୍ପେୟାର ଶ୍ୟାମ ସୁନ୍ଦର ପଣ୍ଡା ଓ ଶ୍ରୀବନ୍ତ କୁମାର ନାୟକ ପରିଚାଳନା କରିଥିବାବେଳେ ଓସିଏ ସ୍କୋରର ଭାବେ ଦିନେଶ ଘିଭିଲା ଦାୟିତ୍ୱ ତୁଲାଇଥିଲେ। ବିଶ ରଞ୍ଜନ ପୂଜାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ରାମଶଙ୍କର ସାହୁ, କୋଷାଧକ୍ଷ ଶ୍ୟାମ ସୁନ୍ଦର ପାତ୍ର, ବରଷ୍ଠ ସଦସ୍ୟ ନରେନ୍ଦ୍ର ନାରାୟଣ ମିଶ୍ର, ଆୟୋଜକ ସଭାପତି ମଞ୍ଜିତ ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିନିକା ସ୍ପୋର୍ଟସ କ୍ଲବର ଜିତେନ୍ଦ୍ର ବେରିହାଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ବିଜୟୀ ଦଳ ବିନିକା, ରନର୍ସ ଅପ ଦଳ ତରଭା ଏବଂ ବିଭିନ୍ନ ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।




ଅତିଥିଙ୍କ ଗହଣରେ ଖେଳାଳିମାନେ।

## ‘ମାନବୀୟ ସେବାରେ ଉଦ୍‌ବୁଦ୍ଧ ହୁଅ’

### ବ୍ଲକସ୍ତରୀୟ ଜେଆରସି ସଚେତନତା ଅଭିଯାନ

**ସୋନପୁର,୧୫।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ଜଗନ୍ନାଥ ହାଇସ୍କୁଲ ପ୍ରାଙ୍ଗଣରେ ଦ୍ୱିଦିବସୀୟ ବ୍ଲକସ୍ତରୀୟ ଜୁନିୟର ରେଡକ୍ରସ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରି ଅଭିଯାନର ଶୁଭାରମ୍ଭ କରିଥିଲେ। ମାନବୀୟ ସେବାରେ ପରାମର୍ଶଦାତାମାନେ ଉଦ୍‌ବୁଦ୍ଧ ହେବାକୁ ତହସିଲଦାର ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନନ୍ତ ନାରାୟଣ ପ୍ରସାଦ ସିଂହଦେଓ ସଭାରେ ଅଧ୍ୟକ୍ଷତା କରିଥିଲେ। ଜିଲା ଜୁନିୟର ରେଡକ୍ରସ କମିଟିର ଭାଇସ ଚେୟାରମ୍ୟାନ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନେ କିଭଳି ରେଡକ୍ରସ ୟୁନିଟ୍‌ରେ ବହୁସଂଖ୍ୟାରେ ଯୋଗଦେବେ ଓ ନିଜର ବ୍ୟକ୍ତିତ୍ୱ ବିକାଶ କରିବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ମହଦା ସରପଞ୍ଚ ଭୀମସେନ ସିଂହଦେଓ, ମକରଧ୍ୱଜ ଚୌଧୁରୀ, ନିର୍ମଳ ଷାଣ୍ଡ, ବ୍ରଜମୋହନ ସା ଓ କୁହିବାହାଲ ହାଇସ୍କୁଲର ପ୍ରଧାନଶିକ୍ଷକ ମୁରଲୀଧର ବିଶ୍ୱାଳ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ପରିଚାଳନା କରିଥିଲେ। ବରିଷ୍ଠ ସାଧନ କର୍ମୀ ଚନ୍ଦ୍ରମଣି ବାଘ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଆଗାମୀ ଦିନରେ ବ୍ଲକର ସମସ୍ତ ହାଇସ୍କୁଲ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ରେଡକ୍ରସର ସପ୍ତନୀତିରେ ବ୍ରତୀ କରାଯାଇ ସେମାନେ କିଭଳି ଭବିଷ୍ୟତରେ ସମାଜରେ ସ୍ୱେଚ୍ଛାକୃତ ଭାବରେ ମାନବୀୟ ସେବା ପ୍ରଦାନ କରିବାରେ ସକ୍ଷମ ହେବେ ସେ ଦିଗରେ କାର୍ଯ୍ୟ କରିବାକୁ ମତପ୍ରକାଶ ପାଇଥିଲା। ବିନିକା ବ୍ଲକ ଅନ୍ତର୍ଗତ ୨୩ଟି ହାଇସ୍କୁଲର ଜୁନିୟର ରେଡକ୍ରସର ଜୁନିୟର ରେଡକ୍ରସ ପରାମର୍ଶଦାତା ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ସାଧନକର୍ମୀ ହୃଷିକେଶ ଡାଙ୍ଗ, ତପସ୍ୱିନୀ ଦାଶ ଓ ଶେଷଦେବ ଛତ୍ର ପ୍ରମୁଖ ରେଡକ୍ରସର ଆନ୍ଦୋଳନ, ଜୁନିୟର ରେଡକ୍ରସର ସେବା ମୂଳକ କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା ଓ ସଡକ ସୁରକ୍ଷା ସମ୍ପର୍କିତ ରକ୍ଷକ ଯୋଜନାର ଉପଯୋଗିତା ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ମହଦା ହାଇସ୍କୁଲ ବରିଷ୍ଠ ଶିକ୍ଷକ ସୁଶିଲ ବିଶି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ବୃନ୍ଦ ଗ୍ରାମର ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରିଥିଲେ। ମହଦା ହାଇସ୍କୁଲର ଜୁନିୟର ରେଡକ୍ରସ ପରାମର୍ଶଦାତା ପବିତ୍ର ବାରିକ୍ ଧନ୍ୟବାଦ ପ୍ରଦାନ କରିଥିଲେ।



ଜୁନିୟର ରେଡକ୍ରସ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ଯୁବତୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ରାଉରକେଲା ଅଫିସ,୧୫।୧:** ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳର ଜଣେ ଯୁବତୀଙ୍କ ଶନିବାର ସନ୍ଧ୍ୟାରେ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତ ଯୁବତୀ ହେଲେ ଅଞ୍ଜଳି ସାହୁ(୨୦)। ମଧୁସୂଦନପାଲି ଅଞ୍ଚଳର ଅଞ୍ଜଳି ଶନିବାର ସନ୍ଧ୍ୟାରେ ବାସନ୍ତୀ କଲୋନୀ ମାଲଗୋଦାମ ଅଞ୍ଚଳକୁ ଟ୍ୟୁସନ ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କର ହଠାତ ମୁଣ୍ଡ ବୁଲାଇବାରୁ ସେ ତଳେ ପଡିଯାଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ଲାଗି ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨।୨୩) ରୁଜୁ କରିବା ସହ ରବିବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।

### ନିଆଁରେ ପୋଡ଼ିହୋଇ ନାବାଳିକା ମୃତ

**ରାଉରକେଲା ଅଫିସ,୧୫।୧:** ଲହୁଣୀପଡ଼ା ଥାନା ଅନ୍ତର୍ଗତ ଘୁଷୁରୀପୋଷ ଗ୍ରାମରେ ନିଆଁରେ ପୋଡିହୋଇ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତା ନାବାଳିକା ଜଣଙ୍କ ହେଲେ ଲକ୍ଷ୍ମୀ ମୁଣ୍ଡା(୫)। ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗତ ୧୩ ତାରିଖ ସକାଳେ ଶୀତ ଯୋଗୁ ଲକ୍ଷ୍ମୀ ନିଆଁରେ ସେକି ହେଉଥିବା ସମୟରେ ତାଙ୍କ ପିନ୍ଧା ଫର୍କରେ ନିଆଁ ଲାଗି ଯାଇଥିଲା। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ବଣେଇ ଡାକ୍ତରଖାନା ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ସମୟରେ ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଶିକ୍ଷକ ସଂଘର ବନ୍ଧୁ ମିଳନ

**କୁତ୍ରା,୧୫।୧(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଲକ୍ଷ୍ମୀପୋଷ ନଦୀ ପଠାରେ ରବିବାର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଇଓ ଗୁରୁଚରଣ ସାହୁ ମୁଖ୍ୟଅତିଥି, ଜିଲା ଓଷ୍ଟା ସଭାପତି ବିଭିଷଣ ବାରିକ, ଉପ ସଭାପତି ନିତ୍ୟାନନ୍ଦ ବେହେରା, ସହ ସମ୍ପାଦକ ହେମନ୍ତ କୁମାର ଦେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ସଂଘକୁ କିଭଳି ମଜଭୁତ କରାଯିବ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରମାନଙ୍କ ସମସ୍ତ ସୁବିଧା ଅସୁବିଧା ଓ ଉନ୍ନତି ଦିଗରେ କାର୍ଯ୍ୟ କରିବ ସେ ନେଇ ଆଲୋଚନା ହୋଇଥିଲା। ଅବସର ନେଇଥିବା ଏବଂ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ବ୍ଲକ ଓଷ୍ଟା ସଭାପତି ଲୋକନାଥ ପ୍ରଧାନ, ଉପ ସଭାପତି ରବିନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ମହେନ୍ଦ୍ର କୁମାର ସିଂ, ଦିଲୀପ ବେହେରା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

# ଶଯ୍ୟା ଅଭାବ, ଚଟାଣରେ ରୋଗୀ ଚିକିତ୍ସା

**ରାଉରକେଲା ଅଫିସ,୧୫।୧**



ରାଉରକେଲା ସରକାରୀ ଡାକ୍ତରଖାନା।

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)କୁ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ରୋଗୀ ଆସି ଚିକିତ୍ସିତ ହେଉଛନ୍ତି। ଏହା ସହରର ପ୍ରମୁଖ ଡାକ୍ତରଖାନା ହୋଇଥିବାବେଳେ ପଶ୍ଚିମ ଓଡିଶା ସମେତ ପଡୋଶୀ ୩ଟି ରାଜ୍ୟର ରୋଗୀ ନିର୍ଭର କରିଥାନ୍ତି। ଡାକ୍ତରଖାନାରେ ବିଭିନ୍ନ ଅଭିଜ୍ଞ ଡାକ୍ତର ସାଙ୍ଗକୁ ରାଜ୍ୟ ସରକାରଙ୍କ ନିରାମୟ ଯୋଜନାରେ ୨୪ ଘଣ୍ଟା ଔଷଧ ବିତରଣ ଓ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗୁ ବିଭିନ୍ନ ସମୟରେ ଡାକ୍ତରଖାନାର ବିଭିନ୍ନ ବିଭାଗରେ ଭିଡ଼ ଦେଖିବାକୁ ମିଳିଥାଏ। କିନ୍ତୁ ଆର୍‌ଜିଏଚ୍‌ରେ ରୋଗୀ ସଂଖ୍ୟା ଅନୁଯାୟୀ ଶଯ୍ୟା ଅଭାବ ଯୋଗୁ ବିଭିନ୍ନ ସମୟରେ ରୋଗୀମାନେ ତଳେ ଶୋଇ ଚିକିତ୍ସିତ ହୋଇଥାନ୍ତି।

ପୂର୍ବରୁ ଆର୍‌ଜିଏଚ୍‌ରେ ୧୨୮ ଶଯ୍ୟା ଥିବାବେଳେ ୨୦୧୯ରେ ଏହାକୁ ୪ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଭାବେ ଘୋଷଣା କରାଯାଇଥିଲା। ଏହି ଘୋଷଣା ପରେ ବିଭିନ୍ନ ବିଭାଗରେ ଶଯ୍ୟା ସଂଖ୍ୟା ବୃଦ୍ଧି ପାଇଥିଲା। କିନ୍ତୁ ବର୍ତ୍ତମାନ ଯେଭଳି ଭାବେ ଡାକ୍ତରଖାନାକୁ ରୋଗୀ ଆସୁଛନ୍ତି ଏତିକି ଶଯ୍ୟା କମ୍ ପଡୁଥିବା ଅଭିଯୋଗ ହୋଇଛି। ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୧୧୫ଟି ଶଯ୍ୟାଥିବାବେଳେ ଅସ୍ଥିଶଲ୍ୟ ବିଭାଗରେ ୨୦, ସର୍ଜରୀ ବିଭାଗରେ ପୁରୁଷଙ୍କ ପାଇଁ ୨୪ ଓ ମହିଳାଙ୍କ ପାଇଁ ୧୮, ଭେଷଜ ବିଭାଗରେ ପୁରୁଷଙ୍କ ପାଇଁ ୨୪ ଓ ମହିଳାଙ୍କ ପାଇଁ ୩୨ ଶଯ୍ୟା ରହିଛି। ସେହିପରି କ୍ୟାନସର କେୟାର ୟୁନିଟ୍‌ରେ ୬, ରୋଗ ସଂକ୍ରମିତ ବିଭାଗରେ ୨୦, ଶିଶୁ ବିଭାଗରେ ୪୦, ଏସ୍‌ଏନ୍‌ସିୟୁରେ ୧୨, ଚକ୍ଷୁ ବିଭାଗରେ ୧୦, କ୍ୟାବିନ୍‌ରେ ୧୬, ବର୍ଣ୍ଣ ସେଣ୍ଟରରେ ୧୨, ଟିବି ଓ ଚେଷ୍ଟ ବିଭାଗରେ ୧୦ ଏବଂ ଅନ୍ୟାନ୍ୟ ବିଭାଗରେ ୧୬ ଶଯ୍ୟା ରହିଛି। ରାଜ୍ୟ ସରକାର ଡାକ୍ତରଖାନାରେ ଶଯ୍ୟା ସଂଖ୍ୟା ୩ ବର୍ଷ ତଳେ ୪ଶହକୁ ଘୋଷଣା କରିଥିଲେ ମଧ୍ୟ ଆଜିଯାଏଁ ମାତ୍ର ୩୭୫ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ଡାକ୍ତରଖାନାରେ ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ୨୫ଟି ଶଯ୍ୟାର ଅଭାବ ରହିଛି। ପ୍ରତିଦିନ ପଡୋଶୀ ଛତିଶଗଡ, ଝାଡ଼ଖଣ୍ଡ, କଲିକତା ତଥା ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ରୋଗୀ ଏହି ଡାକ୍ତରଖାନାକୁ ଆସୁଛନ୍ତି। ଡାକ୍ତରଖାନାରେ ରୋଗୀ ସଂଖ୍ୟା ଅନୁପାତରେ ଆଜିବି ଶଯ୍ୟା ସଂଖ୍ୟା ବୃଦ୍ଧି ପାଇ ନ ଥିବାରୁ ରୋଗୀମାନେ ଚଟାଣରେ ଚିକିତ୍ସିତ ହେଉଛନ୍ତି। ପ୍ରତିଦିନ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ସେହି ତୁଳନାରେ ଶଯ୍ୟା ଅଭାବ ସହ ବିଭିନ୍ନ ସମୟରେ ବହୁ ବିଭାଗରେ ପାରାମେଡିକାଲ ଷ୍ଟାଫ୍ ନ ଥିବାରୁ ଏଠାକୁ ଆସୁଥିବା ବହୁ ରୋଗୀ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ତେଣୁ ଯଥାଶୀଘ୍ର ଡାକ୍ତରଖାନାରେ ଶଯ୍ୟା ସଂଖ୍ୟା ବୃଦ୍ଧି ସାଙ୍ଗକୁ ଡାକ୍ତରଖାନାରେ ଖାଲି ପଡିଥିବା କର୍ମଚାରୀ ପୂରଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

ଏ ନେଇ ଡାକ୍ତରଖାନାର ନିର୍ଦ୍ଦେଶକ ସନ୍ତୋଷ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ଆଜିକୁ ୩ ମାସ ତଳେ ଆର୍‌ଜିଏଚ୍‌କୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ସମୀକ୍ଷା ପାଇଁ ଆସିଥିଲେ। ଆର୍‌ଜିଏଚ୍‌ରେ ଶଯ୍ୟା ସଂଖ୍ୟା ବୃଦ୍ଧି ସାଙ୍ଗକୁ ବିଭିନ୍ନ ପାରାମେଡିକାଲ ଷ୍ଟାଫ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ବିଷୟରେ ଆମେ ମନ୍ତ୍ରୀଙ୍କୁ ଅବଗତ କରାଇଲୁ। ଆଗାମୀ ରିଭ୍ୟୁ ମିଟିଂରେ ଉକ୍ତ ସମସ୍ୟାକୁ ସମାଧାନ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଆସନ୍ତା ମାର୍ଚ୍ଚ ମାସ ପରେ ଏସବୁ ସମସ୍ୟା ସମାଧାନ ହୋଇଯିବ ବୋଲି ନିର୍ଦ୍ଦେଶକ ସ୍ୱାଇଁ ମତପ୍ରକାଶ କରିଥିଲେ।

# ରାଜ୍ୟ ରାଜପଥରେ ଲଗାଗଲା ଚେକ୍‌ପୋଷ୍ଟ


କୁତ୍ରାଠାରେ ଚେକ୍‌ପୋଷ୍ଟ ଲଗାଯାଇଛି।

**କୁତ୍ରା,୧୫।୧(ଡି.ଏନ.ଏ)**

**ଧରିତ୍ରୀ ପ୍ରଭାବ**

ସୁନ୍ଦରଗଡ ଜିଲା କୁତ୍ରାରେ ଟ୍ରାଫିକ ବ୍ୟବସ୍ଥାକୁ ନେଇ ଖବର ପ୍ରକାଶ ହେବା ପରେ କୁତ୍ରା ପୋଲିସର ନିଦ ଭାଙ୍ଗିଲା। ୧୦ ନମ୍ବର ରାଜ୍ୟ ରାଜପଥ ଉପରେ ନିୟମିତ ଦୁର୍ଘଟଣା ଘଟି ଅନେକ ଧନ ଜୀବନ ନଷ୍ଟ ହେଉଥିଲା। ପୋଲିସ ଓ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଜେଏସ୍‌ଡବ୍ଲ୍ୟୁ, ସ୍କାନ୍ ଷ୍ଟିଲ, ଏଲ୍‌ଆଣ୍ଡଟି ପକ୍ଷରୁ ପୋଲିସକୁ ଚେକପୋଷ୍ଟ ପ୍ରଦାନ କରାଯାଉଛି କିନ୍ତୁ ପୋଲିସ ତାର ବ୍ୟବହାର ଠିକ ଭାବରେ କରୁ ନ ଥିଲା। କେବଳ ଦୁର୍ଘଟଣା ଘଟୁଥିଲେ ଏହା ଦେଖିବାକୁ ମିଳୁଥିବା ବେଳେ ଅନ୍ୟ ସମୟରେ ରାସ୍ତା କଡରେ ପଡିରହୁଥିଲା। ରବିବାର ଓ ବୁଧବାର ହାଟ ପାଳି ଥିବାରୁ ରାଜ୍ୟ ରାଜପଥ ଉପରେ ପ୍ରବଳ ଭିଡ ପରିଲକ୍ଷିତ ହୁଏ। ଏହାସହିତ ଦୁର୍ଘଟଣା ମଧ୍ୟ ବଢିଥାଏ। ସୁନ୍ଦରଗଡ ଏବଂ ରାଉରକେଲା ପଟରୁ ଦ୍ରୁତଗତିରେ ଭାରିଯାନ ଆସି ଦୁର୍ଘଟଣା ଘଟାଇଥାନ୍ତି। ଏହାକୁ ରୋକିବା ପାଇଁ ପୋଲିସ ପକ୍ଷରୁ କୌଣସି ପ୍ରକାର ବ୍ୟବସ୍ଥା ନ ଥିଲା। ଏହାକୁ ନେଇ ୧୩ ତାରିଖ ଦୈନିକ ଧରିତ୍ରୀ ଖବର କାଗଜରେ ଟ୍ରାଫିକ ବ୍ୟବସ୍ଥାକୁ ନେଇ ଖବର ପ୍ରକାଶିତ ହେବା ପରେ ପୋଲିସ ରାଜ୍ୟ ରାଜପଥ ଉପରେ ଚେକପୋଷ୍ଟ ଲଗାଇଛି। ଏହାସହ ପ୍ରତ୍ୟେକ ହାଟପାଳିରେ ଦୁଇଜଣ ପୋଲିସ କର୍ମଚାରୀଙ୍କୁ ଟ୍ରାଫିକ ବ୍ୟବସ୍ଥା ନିରୀକ୍ଷଣ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଦୁର୍ଘଟଣା ରୋକିବାକୁ ରାଜ୍ୟ ରାଜପଥ ଉପରେ ରୋଡ୍ ପାରି ହେବା ପାଇଁ ଛୋଟ ଓଭର ବ୍ରିଜ ନିର୍ମାଣ କରିବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଗୁଣାତ୍ମକ ଶିକ୍ଷା ଉତ୍ତମ ନାଗରିକ ଗଠନର ମୂଳମନ୍ତ୍ର



ହେଲୋ କିଡ୍ସ ଓ ରିଭରଷ୍ଟୋନ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକୋତ୍ସବରେ ସମ୍ମାନିତ ପ୍ରତିଭା।

**ସୁନ୍ଦରଗଡ,୧୫।୧(ଡି.ଏନ.ଏ.)**

**ହେଲୋ କିଡ୍ସ ଓ ରିଭରଷ୍ଟୋନ ସ୍କୁଲର ବାର୍ଷିକୋତ୍ସବ**

ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ଶିଶୁକୁ ଏକ ସୁନାଗରିକ କରି ଗଢିବା ସହ ରାଷ୍ଟ୍ରହିତ ନିମନ୍ତେ ପଥ ପ୍ରଦର୍ଶକ ହୋଇଥାଏ। ଛାତ୍ରୀଛାତ୍ରଙ୍କୁ କେବଳ ପୁସ୍ତକଗତ ଶିକ୍ଷାଦାନ ଉପରେ ସୀମିତ ନ ରଖି ସେମାନଙ୍କ ମଧ୍ୟରେ ଚରିତ୍ର ଗଠନ ଓ ନୈତିକ ମୂଲ୍ୟବୋଧର ବିକାଶ ଉପରେ ଶିକ୍ଷିତ କରିବା ନିମନ୍ତେ ସୁନ୍ଦରଗଡ ଆର.ଆର.ଆଇ.ଟି. କଲୋନୀ ସ୍ଥିତ ହେଲୋ କିଡ୍ସ ଓ ରିଭରଷ୍ଟୋନ ଇଣ୍ଟରନ୍ୟାଶନାଲ ସ୍କୁଲ ନିରନ୍ତର ପ୍ରୟାସ ଜାରି ରଖିଛି। ରବିବାର ସୁନ୍ଦରଗଡ ସଂସ୍କୃତି ଭବନଠାରେ ଆୟୋଜିତ ହେଲୋ କିଡ୍ସ ଓ ରିଭରଷ୍ଟୋନ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସୁନ୍ଦରଗଡ଼ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଗୁଣାତ୍ମକ ଶିକ୍ଷା ହିଁ ଉତ୍ତମ ନାଗରିକ ଗଠନର ମୂଳମନ୍ତ୍ର ବୋଲି ମତପ୍ରକାଶ କରିଥିଲେ। ନିଜ ବକ୍ତବ୍ୟରେ ଡ. ପ୍ରଧାନ କହିଥିଲେ, ଜଣେ ସାଧାରଣ ମଣିଷକୁ ମନିଷୀ ରୂପରେ ଗଢିତୋଳିବାରେ ଗୁଣାତ୍ମକ ଶିକ୍ଷା ଅପରିହାର୍ଯ୍ୟ। ଶିଶୁକୁ ପ୍ରାରମ୍ଭିକ ସ୍ତରରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଗଲେ ତାର ସାମଗ୍ରିକ ବିକାଶ ହେବା ସହ ସେ ଭବିଷ୍ୟତରେ ଜଣେ ସୁନାଗରିକ ହୋଇପାରିବ ବୋଲି ପ୍ରଧାନ ମତବ୍ୟକ୍ତ କରିଥିଲେ।

ସୁନ୍ଦରଗଡ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁବ୍ରତ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହେଲୋ କିଡ୍ସ ଓ ରିଭରଷ୍ଟୋନ ଇଣ୍ଟରନ୍ୟାଶନାଲ ସ୍କୁଲର ଶିକ୍ଷା ବ୍ୟବସ୍ଥା, ଛାତ୍ରୀଛାତ୍ରଙ୍କ ବିଭିନ୍ନ କ୍ଷେତ୍ରରେ ସଫଳତା ଅନ୍ୟମାନଙ୍କ ପାଇଁ ଆଦର୍ଶ ସାଜିଛି ବୋଲି ମତପ୍ରଦାନ କରିଥିଲେ। ଏହାସହ ସ୍କୁଲର ଉତ୍ତୋରୋତ୍ତର ଉନ୍ନତି କାମନା କରି ଭବିଷ୍ୟତରେ ଜିଲାର ଏକ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ରୂପେ ଗଢି ତୋଳିବା ନିମନ୍ତେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ହେଲୋ କିଡ୍ସର ଅଧ୍ୟକ୍ଷା ରଶ୍ମିତା ପଟେଲ ଅତିଥିମାନଙ୍କୁ ସ୍ୱାଗତ କରି ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ରିଭରଷ୍ଟୋନ ଇଣ୍ଟରନ୍ୟାଶନାଲ ସ୍କୁଲର ନିର୍ଦ୍ଦେଶକ ରୋଶନ ପଟେଲ ସ୍କୁଲର ଅଭିନବ ଶିକ୍ଷା ବ୍ୟବସ୍ଥା, ଶିଶୁର ଶାରୀରିକ ତଥା ମାନସିକ ବିକାଶ ନିମନ୍ତେ ନିଆଯାଉଥିବା ପଦକ୍ଷେପ, ମଣ୍ଟେସୋରି ପଦ୍ଧତି ମାଧ୍ୟମରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ରାଜ୍ୟ ଓ ଜାତୀୟସ୍ତରୀୟ ପୁରସ୍କାର ବିଜେତା ସରିତ ଉପାଧ୍ୟାୟ, ଇଣ୍ଡିଆ ବୁକ ଅଫ୍ ରେକର୍ଡ ବିଜେତା ରୀତମ୍ଭରା ପଟେଲ, ବିଜ୍ଞାନ ମେଳାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଂଶିକା ପଟେଲ, ପ୍ରବନ୍ଧ ଲିଖନ ନିମନ୍ତେ ଶୁଭମ ନାଏକଙ୍କୁ ସମ୍ମାନିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ପ୍ରତିଭା ନାଏକ, ଲିଜା ଦାସ, ପ୍ରବୀଣ ପଟେଲ, ଶକୁନ୍ତଳା ସିଂହ, ଦୀପକ ପୂଜାରୀ, ସୌରେନ୍ଦ୍ରି ପଟେଲ, ସ୍ୱାଗତିକା ଦାସ, ସଞ୍ଜୁ ସତନାମୀ, ସଞ୍ଜୁଲତା କୋକ, ପୁନମ ସା, ଉର୍ମିଳା ଓ ଆରତୀ ପରିଚାଳନା କରିଥିଲେ। ପ୍ରିୟଙ୍କା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୁମନ୍ତ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟେନର ଧକ୍କାରେ ଯୁବକ ମୃତ, ରାସ୍ତାରୋକୋ

**ଦେବଗଡ, ୧୫।୧(ଡି.ଏନ.ଏ.)**

ଦେବଗଡ ଥାନା କୁରେଇଁବାହାଲ ଗ୍ରାମ ନିକଟ ଏନ୍‌ଏଚ୍-୪୯ରେ କଣ୍ଟେନର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁରେଇଁବାହାଲ ଗ୍ରାମର କହ୍ନେଇ ବେହେରା (୨୭)। ରବିବାର ସନ୍ଧ୍ୟାରେ କହ୍ନେଇ ରାସ୍ତା ଅତିକ୍ରମ କରୁଥିବା ବେଳେ କଣ୍ଟେନର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କଣ୍ଟେନରକୁ ଅଟକାଇ ଦେବଗଡ ପୋଲିସ ଜିମା ଦେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୋମବାର କହ୍ନେଇଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ।

# ସୈନିକ ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ସୈନିକ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା ଅଫିସ,୧୫।୧**

ରାଉରକେଲା ଛେଣ୍ଡ ସ୍ଥିତ ସୈନିକ ଭବନ ପରିସରରେ ରବିବାର ସକାଳ ୮ଟା ସମୟରେ ପ୍ରଥମ କରି ୭ତମ ଭେଟେରାନ ଦିବସ ଏବଂ ୭୫ତମ ଭାରତୀୟ ସୈନିକ ଦିବସ ପାଳିତ ହୋଇଯାଇଛି। ଏହାକୁ ରାଉରକେଲା ପୂର୍ବତନ ସୈନିକ ସଂଘ ପାଳନ କରିଛି। ଉତ୍ସବରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେବାନିବୃତ୍ତ ସେନା କର୍ମଚାରୀଙ୍କ ଯାହା ସମସ୍ୟା ରହିଛି ତାକୁ ସମାଧାନ କରାଯିବ ବୋଲି କହିଥିଲେ। ସେବାନିବୃତ୍ତ ସୈନିକ କ୍ୟାପ୍‌ଟେନ ପ୍ରଦୀପ ବେକ୍, ସୁଧାକର ପରିଡା, ଡାକ୍ତର ଅସିମ ସୁଡ, ଡଃ ଅକ୍ଷୟ କୁମାର ସାମଲ, ବସନ୍ତ ମହାରାଣା, ଆର୍ଯ୍ୟା ଏସ୍ ରଞ୍ଜନ, ଝିଗଡୁ ଲେକ୍ରା, ଡାକ୍ତର ଦୀପ୍ତି ରଞ୍ଜନ ତ୍ରିପାଠୀ ଏବଂ ଡଃ ଆଶିଷ ପଟେଲ ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଧନେଶ୍ୱର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଡାକ୍ତର ଡି. ଆର୍. ତ୍ରିପାଠୀ(ନ୍ୟୁରୋ), ଡାକ୍ତର ଆଶିଷ ପଟେଲ (ମେଡିସିନ) ଏବଂ ସହଯୋଗୀମାନେ ୧୦୦ରୁ ଊର୍ଦ୍ଧ୍ୱ ସେବାନିବୃତ୍ତ ସୈନିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଫଟୋରେ ଖବର



ରବିବାର ସୁନ୍ଦରଗଡ଼ ମସ୍ନିକାନି ଟୋଲପ୍ଲାଜାରେ ସଡ଼କ ସୁରକ୍ଷା ସଚେତନତା ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଉଛି।

# ପଟୁଆଡ଼ିହି ଗ୍ରାମରେ ମକର ଯାତ୍ରା ସମ୍ପନ୍ନ


ପଟୁଆଡ଼ିହି ଗ୍ରାମରେ ଅନୁଷ୍ଠିତ ମକର ଯାତ୍ରା ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଲେଫ୍ରିପଡା,୧୫।୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ପଟୁଆଡ଼ିହି ଗ୍ରାମରେ ଦୁଇଦିନ ଧରି ମକର ଯାତ୍ରା ପାଳିତ ହୋଇଯାଇଛି। ଶନିବାର ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଡ଼. ପଙ୍କଜ କୁମାର ପଟେଲ ମୁଖ୍ୟବକ୍ତା, ଲେଫ୍ରିପଡା ଜିଲା ପରିଷଦ ସଭ୍ୟ ବୈଷ୍ଣବ ମାଝୀ, ଗିରିଙ୍ଗକେଲା ସରପଞ୍ଚ ନୀଳମଣି ମାଝୀ, ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଗୌରୀଶଙ୍କର ପଟେଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଉଦଘାଟନୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅପରାହ୍ନରେ ଗ୍ରାମର ସମ୍ପ୍ରଦା ମଣ୍ଡଳୀ ତାଳେ ତାଳେ ମହାପ୍ରଭୁ ଜଗନ୍ନାଥ ଏବଂ ଶିବଙ୍କ ମଧ୍ୟରେ ମକର ମିଳନ ହୋଇଥିଲା। ଶୁକ୍ରବାର ଅବସରପ୍ରାପ୍ତ ଶିକ୍ଷକ କୁଳମଣି ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତେଜରାଜ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମକରଯାତ୍ରା କମିଟି ସଭାପତି ଦେଶରଞ୍ଜନ ପଟେଲ, ସମ୍ପାଦକ ବିପିନ ବିହାରୀ ପଟେଲ, କୋଷାଧ୍ୟକ୍ଷ ନବୀନ ଚନ୍ଦ୍ର ପଟେଲ, ଗୌନ୍ତିଆ ଲକ୍ଷ୍ମୀ ନାରାୟଣ ପଟେଲ, ରମାକାନ୍ତ ପଟେଲ, ଲୋକବନ୍ଧୁ ନାଏକ, ରାଜେଶ ସୋରେଙ୍ଗ, ଜଗନ୍ନାଥ ଠାକୁର ରାଜେଶ ପଟେଲ, ସିକୁ ପଟେଲ, ଅରବିନ୍ଦ ପଟେଲ, କୋଦଣ୍ଡ ପଟେଲ, ରାଜ ପଟେଲ, ଅଭୟ ନାଏକ, ରାହୁଲ ନାଏକ, କ୍ଷୀରୋଦ ନାଏକ, ନିରୋଜ ପାଣ୍ଡେ, କୁଶ ସେଠ, ଦୁଷ୍ମନ୍ତ ପ୍ରଧାନ, ଟିକେଶ୍ୱର ପ୍ରଧାନ, ରଥ ଭୋଇ, ନୃପ କିଶାନ ପ୍ରମୁଖ ଗ୍ରାମବାସୀ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ବାର୍ତ୍ତା

**ଲହୁଣୀପଡା,୧୫।୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡାଠାରେ ରବିବାର ବୋଲବମ୍ ସେବା ସଂଘ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗମାୟା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଝରଣା ପ୍ରଧାନ, ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ସମିତି ସଭ୍ୟ ଅଶୋକ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରଞ୍ଜନ ପାଢ଼ୀ, ରକ୍ଷକ ଟ୍ରେନର କବିତା ମାହାନ୍ତ, ଶିକ୍ଷକ ରଞ୍ଜନ ପତି, ଡା. ଭୋଳେଶ୍ୱର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ରମେଶ ଚନ୍ଦ୍ର କର ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଦ୍ୟୁତ କୁମାର ଜିତ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସମାଜସେବୀ ସିରାଜ ଖାନ ଓ ସୁଶ୍ରୀ ଆଦ୍ୟାସାଇ କିଷାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ ଓ ଅଧାପିକା ଅଧାପକମାନେ ସାମିଲ ହୋଇ ସଡକ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇଥିଲେ। ଗିରିଧାରୀ ସାହୁ ଓ କୁଳଧ୍ୱଜ ଖଡ଼ିରତ୍ନ ଯମରାଜ ଓ ଦୂତ ପୋଷାକ ପରିଧାନ କରି ଗାଡି ଚାଳକମାନଙ୍କୁ ସଚେତନ କରିଥିଲେ। ଯୋଗମାୟା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଗୀତିନାଟ୍ୟ ପରିବେଷଣ କରିଥିଲେ। ମୁକେଶ ପାଲ, ବିକ୍ରମ ସ୍ୱାଇଁ, ପ୍ରଭାତ ରାଉତ, ମିଥୁନ ପଣ୍ଡା, ଦୀପକ ତ୍ରିପାଠୀ, ରାଜା ଜୟସ୍ୱାଲ, ଚିନ୍ମୟ ଖଡ଼ିରତ୍ନ, ଗୋଲେଖ ସ୍ୱାଇଁ, ଅସିତ ପଟ୍ଟନାୟକ, ବିକାଶ ଚକ୍ର, ଜିତେନ୍ଦ୍ର ରାୟ, ଜନ୍ମେଜୟ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହେନ୍ଦ୍ର ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା।


ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

